

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୪ ଅଗଷ୍ଟ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 24 AUGUST 2021

Vol.No. 32 ■ No. 215 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଜାତି ଭିତ୍ତିକ ଜନଗଣନା ଦାବିରେ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ୧୦ଟି ଦଳର ନେତା

ନୂଆଦିଲ୍ଲୀ,୨୩/୦୮: ଜାତି ଭିତ୍ତିକ ଜନଗଣନା ନେଇ ସାରା ଦେଶରେ ତେଜୁଛି ରାଜନୀତି । ଯାହାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ସମେତ ୧୦ଟି ଦଳର ନେତା । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ସାଉଥ ବ୍ଲକରେ ବସିଥିଲା ସ୍ୱତନ୍ତ୍ର ମିଟିଙ୍ଗ୍ । ଯେଉଁଠି ବିହାର ଡେଲିଗେସନ୍ ଟିମ୍ ସହ ୪୦ ମିନିଟ୍ ଧରି ଆଲୋଚନା କରିଥିଲେ ପ୍ରଧାନମନ୍ତ୍ରୀ । ମୋଦୀଙ୍କୁ ଭେଟିବା ପରେ ନୀତିଶ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ପାଖରେ ସମସ୍ତ ରୂପରେଖ ରଖିଛୁ, ସମସ୍ତ କଥା ମଧ୍ୟ ମୋଦୀ ଶୁଣିଛନ୍ତି । କିଛି ଦିନ ଧରି ନୀତିଶ କୁମାର ଦେଶରେ ଜାତି ଭିତ୍ତିକ ଗଣନା ହେଉ ବୋଲି ଦାବି କରିଆସୁଛନ୍ତି । କିଛି ଦିନ ପୂର୍ବରୁ ଲୋକସଭାର ମୌସୁମୀ ଅଧିବେଶନରେ କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ ମତ ଦେଇଥିଲେ ଯେ କେନ୍ଦ୍ର ଦେଶରେ ଜାତି ଭିତ୍ତିକ ଗଣନା ସପକ୍ଷରେ ନାହିଁ । ତେବେ ଏହି ମତାମତ ପରେ ନୀତିଶ ଟ୍ୱିଟ କରି ସୂଚନା ଦେଇଥିଲେ ଯେ ୨୦୧୯ରେ ଜାତି ଭିତ୍ତିକ ଗଣନା ସମ୍ପର୍କିତ ଏକ ବିଧେୟକ ବିଧାନସଭାରେ ସର୍ବସମ୍ମତିରେ ପାସ କରି କେନ୍ଦ୍ର ନିକଟକୁ ପଠାଇଥିଲେ । ତେବେ ଆଲୋଚନା ପରେ ପ୍ରଧାନମନ୍ତ୍ରୀ ଲୋକଙ୍କ କଥାକୁ ଗୁରୁତ୍ୱ ଦେଇ ଜାତି ଗଣନା ପାଇଁ ସକାରାତ୍ମକ ପଦକ୍ଷେପ ନେବେ ବୋଲି ଆଶା ପୋଷଣ କରିଥିବା ଜଣାପଡିଛି । ଜେଡିୟୁ, ଆରଜେଡି ସମେତ ବିଜେପି, ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା, କଂଗ୍ରେସ, ସିପିଆଇ-ଏମଏଲ, ଏଆଇଏମଆଇଏମ, ସିବିଆଇ, ସିପିଏମ ଏବଂ ଭିଆଇପି ଦଳର ନେତାମାନେ ପ୍ରଧାନମନ୍ତ୍ରୀଙ୍କୁ ଭେଟି ନିଜ ଦାବି ଜଣାଇଛନ୍ତି ।

ଗୁରୁଡ଼ିଝାଟିଆ ସମବାୟ ସମିତି ଋଣ ଜାଲିଆତି ଘଟଣା : ୬ ଗିରଫ

ଭୁବନେଶ୍ୱର,୨୩/୦୮(ନି.ପ୍ର): କଟକ ଆଠଗଡ଼ ଗୁରୁଡ଼ିଘାଟିଆ ସମବାୟ ସମିତିରେ ଋଣ ଜାଲିଆତି ଘଟଣା । ଘଟଣାରେ ସଂପୃକ୍ତ ଥିବା ୬ଜଣଙ୍କୁ ଗିରଫ କଲା ପୋଲିସ । ଏନେଇ ସୂଚନା ଦେଲେ ଚୌଦ୍ୱାର ଏସଡିପିଓ । ଗିରଫଙ୍କ ମଧ୍ୟରେ ଅଛନ୍ତି ସୋସାଇଟି ପିଅନ, ସେକ୍ରେଟେରୀ, ଆସିଷ୍ଟାଣ୍ଟ ସେକ୍ରେଟେରୀଙ୍କ ସହ ଆଠଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର କ୍ୟାସିୟର, ସୁପରଭାଇଜର, କ୍ଲର୍କ । ଶହ ଶହ ଚାଷୀଙ୍କ ନାଁରେ ସମବାୟ ସମିତିରୁ କୋଟିଏରୁ ଅଧିକ ଟଙ୍କାର ଋଣ ହଡପ କରିଥିବା ନେଇ ଗୁରୁଡ଼ିଝାଟିଆ ଥାନାରେ ହୋଇଥିଲା ଅଭିଯୋଗ । ଦୀର୍ଘ ଦିନ ଧରି ଏମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରି ଚାଷୀ ଆନ୍ଦୋଳନରେ ବସିବା ସହ ଭୁବନେଶ୍ୱର ବିଧାନସଭା ଆଗରେ ଆତ୍ମହୁତି ଉଦ୍ୟମ କରିଥିଲେ । ଏମାନଙ୍କ ବିରୁଦ୍ଧରେ ଅପରାଧିକ ଷଡ଼ଯନ୍ତ୍ର ସହ ଠକେଇ ଓ ସରକାରୀ କାଗଜପତ୍ର ଜାଲିଆତି କରିବା ଭଳି ଦଫା ଲାଗିଛି ବୋଲି କହିଛନ୍ତି ଚୌଦ୍ୱାର ଏସଡିପିଓ ।

ରାଜ୍ୟରେ ମରୁଡି ସ୍ଥିତି ଗମ୍ଭୀର : ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କଲେ ରାଜ୍ୟ ସରକାର

ଭୁବନେଶ୍ୱର,୨୩/୦୮(ନି.ପ୍ର): ରାଜ୍ୟରେ ମରୁଡି ସ୍ଥିତି ଗମ୍ଭୀର ରୂପ ନେଲାଣି । ୧୫ଟି ଜିଲ୍ଲାର ୩୦ ବ୍ଲକରେ ମରୁଡି ଭଳି ସ୍ଥିତି ନେଇ ସରକାର ସ୍ୱୀକାର କଲେଣି । ଆଜି ରାଜ୍ୟର ମରୁଡି ସ୍ଥିତି ନେଇ ସରକାର ମଧ୍ୟ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି କିନ୍ତୁ ଏହି ବୈଠକରେ ୩ ବିଭାଗୀୟ ମନ୍ତ୍ରୀଙ୍କୁ ଦେଖିବାକୁ ମିଳିନଥିଲା । ଚାଷ ସଂପର୍କିତ କୃଷି, ରାଜସ୍ୱ ଓ ସମବାୟ ବିଭାଗର ସଚିବ ▶▶ପୃଷ୍ଠା ୭

ତୃତୀୟ ଲହର ନେଇ ଏନଆଇଡିଏମ ବଜାଇଲା ସତର୍କ ଘଣ୍ଟି

ସେପ୍ଟେମ୍ବରରେ ତୃତୀୟ ଲହର : ଅକ୍ଟୋବରରେ ପିକ୍‌କୁ ଆସିବ

ବନେଶ୍ୱର,୨୩/୦୮(ନି.ପ୍ର): ତୃତୀୟ ଲହର ଆସିଲେ, ଓଡ଼ିଶାରେ ଦୈନିକ ୧୪ ହଜାର ସଂକ୍ରମିତ ଚିହ୍ନଟ ହେବେ। ଯଦି ତୃତୀୟ ଲହର ଆସେ, ଏଥିରେ ପିଲାମାନେ ଅଧିକ ପ୍ରଭାବିତ ହେବେ ବୋଲି ଡିଏମଇଟି ସିବିକେ ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ବିଶେଷଜ୍ଞଙ୍କ ମତରେ ସେପ୍ଟେମ୍ବର କି ଅକ୍ଟୋବରରେ ତୃତୀୟ ଲହର ଆସିବ ଓ ପିକ୍ ନେବ। ଦେଶରେ ଦୈନିକ ସଂକ୍ରମଣ ୪ ଲକ୍ଷ ଛୁଇଁ ପାରେ। ଯଦି ସେମିତି ହୁଏ ଓଡ଼ିଶାରେ ଦୈନିକ ୧୪ ହଜାର ସଂକ୍ରମିତ ଚିହ୍ନଟ ହେବେ। ତେଣୁ ଆମକୁ ପ୍ରସ୍ତୁତ ରହିବାକୁ ପଡ଼ିବ। ତୃତୀୟ ଲହର ପାଇଁ ଯାହା ଆବଶ୍ୟକ ରହିଛି, ସେ ତୁଳନାରେ ଆମେ ଅଧିକ ପ୍ରସ୍ତୁତ ରହିଛୁ। ପିଲାମାନଙ୍କ ପାଇଁ ମଧ୍ୟ ସମସ୍ତ ବ୍ୟବସ୍ଥା କରାଯାଇଛି। ସେହିପରି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି, ସମସ୍ତଙ୍କ ଆକଳନ ଅନୁଯାୟୀ ସେପ୍ଟେମ୍ବରରେ ତୃତୀୟ ଲହର ଆସିବ। ସେପ୍ଟେମ୍ବରରେ ତୃତୀୟ ଲହର ଆରମ୍ଭ ହେଲେ ଏହା ଅକ୍ଟୋବରରେ ପିକ୍ ନେବ। ପିକ ପିରିଅଡରେ୧୦୦ ଶିଶୁରେ ୨୩ ଜଣଙ୍କୁ ହସତପିଟାଲର ଭର୍ତ୍ତି କରିବାକୁ ପଡିବ ବୋଲି ଆକଳନ କରାଯାଇଛି। ମାତ୍ର ବର୍ତ୍ତମାନ ଆମର ହସ୍ପିଟାଲାଇଜେସନ ଅଧିକ ନାହିଁ। ଏବେ ୧୨ ରୁ ୧୩ ପ୍ରତିଶତ ରହିଛି ଶିଶୁ ସଂକ୍ରମଣ ହାର। ଦ୍ୱିତୀୟ ଲହର ୬୪ ଦିନରେ ପିକ ନେଇଥିଲା। ▶▶ପୃଷ୍ଠା ୭

ବସୁନ୍ଧରା ଯୋଜନାରେ ଜମି ଜାଲିଆତି ମାମଲା.....

ପୂର୍ବତନ ତହସିଲଦାରଙ୍କ ସମେତ ୪ ଆରଆଇ ଗିରଫ

ଭୁବନେଶ୍ୱର,୨୩/୦୮(ନି.ପ୍ର): ବସୁନ୍ଧରା ଯୋଜନାରେ ଅନିୟମିତତା ଅଭିଯୋଗରେ ଆଜି ୫ଜଣ କାର୍ଯ୍ୟରତ ଓ ଅବସରପ୍ରାପ୍ତ ଅଧିକାରୀଙ୍କୁ ଗିରଫ କରିଛି ଭିଜିଲାନ୍ସ । ଅଯୋଗ୍ୟ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ମୂଲ୍ୟବାନ ଘର ଡିହ ଯୋଗାଇଥିବା ଅଭିଯୋଗରେ ୫ ଜଣଙ୍କୁ ବାନ୍ଧିଛି ଭିଜିଲାନ୍ସ ବିଭାଗ । ସେମାନେ ହେଲେ ଅବସରପ୍ରାପ୍ତ କୁଜଙ୍ଗର ପୂର୍ବତନ ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା । ଝିମଣୀ ସର୍କଲର ପୂର୍ବତନ ରାଜସ୍ୱ ନୀରିକ୍ଷକ ସନ୍ତୋଷ କୁମାର ମଲ୍ଲିକ, ଅବସରପ୍ରାପ୍ତ ପାରାଦୀପ ଗଡର ପୂର୍ବତନ ରାଜସ୍ୱ ନୀରିକ୍ଷକ ନରେନ୍ଦ୍ର କୁମାର ଲେଙ୍କା, କୁଜଙ୍ଗର ପୂର୍ବତନ ଆରଆଇ ସୁବାସ ଚନ୍ଦ୍ର ଦାସ ଓ ପାଣ୍ଡୁଆ ସର୍କଲର ପୂର୍ବତନ ଆରଆଇ ଜ୍ୟୋତି ଭୂଷଣ ବାରିକ ଗିରଫ ହୋଇଛନ୍ତି । ବସୁନ୍ଧରା ଯୋଜନାରେ ଭୂମିହୀନ ଗରିବ ଲୋକଙ୍କୁ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ୪ଡିସିମିଲ ଘରଡିହ ଜମି ପ୍ରାୟ ମାଗଣା ଯୋଗାଇବା ବ୍ୟବସ୍ଥା ରହିଛି । କିନ୍ତୁ ସରକାରୀ ଅଧିକାରୀମାନେ ଚଂଚକତା କରି ଅଯୋଗ୍ୟ ହିତାଧିକାରୀଙ୍କୁ ସରକାରଙ୍କ ମୂଲ୍ୟବାନ ଜମିକୁ ଟେକି ଦେଇଥିବା ଅଭିଯୋଗ ହୋଇଥିଲା । ଏନେଇ ଭୁବନେଶ୍ୱର, କଟକ, ଭଦ୍ରକ ଓ ଜଗତସିଂହପୁରର ମୋଟ ୯ଟି ସ୍ଥାନରେ ଚଢାଉ କରିଛି ଭିଜିଲାନ୍ସ । ଆଉ ବସୁନ୍ଧରା ଯୋଜନାରେ ଦୁର୍ନୀତିର ପ୍ରମାଣ ମିଳିବା ପରେ ଭିଜିଲାନ୍ସ ୫ ଜଣଙ୍କୁ ଗିରଫ କରିଛି ।

କମ୍ ବର୍ଷା ହୋଇଥିବା ସ୍ଥାନରେ ଉଠା ଜଳସେଚନ ମାଧ୍ୟମରେ ଜଳ ଯୋଗାଣ ହେବ

ଭୁବନେଶ୍ୱର,୨୩/୦୮(ନି.ପ୍ର): ରାଜ୍ୟର ଯେଉଁ ଜିଲ୍ଲାରେ କମ୍ ବର୍ଷା ହୋଇଛି ସେଠାରେ ଉଠା ଜଳସେଚନ ମାଧ୍ୟମରେ ଜଳ ଯୋଗାଯିବ। ପ୍ରତି ପାଣି ପଂଚାୟତରେ ଜଳ ଯୋଗାଣକୁ ନେଇ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ ହେବ। କୃଷି ଶ୍ରମିକମାନଙ୍କୁ ମନରେଗା ଓ ଅନ୍ୟାନ୍ୟ ଯୋଜନା ମାଧ୍ୟମରେ କାମ ଯୋଗାଇ ଦିଆଯିବ ବୋଲି କୃଷି ସଚିବ ଏସ କେ ବଶିଷ୍ଟ ସୂଚନା ଦେଇଛନ୍ତି। ସୋମବାର ଦିନ ରାଜ୍ୟରେ ନିଅଂଟିଆ ବର୍ଷା ନେଇ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ▶▶ପୃଷ୍ଠା ୭

ଆଫଗାନିସ୍ତାନ ପ୍ରସଙ୍ଗରେ ସର୍ବଦଳୀୟ ବୈଠକ ଡକାଇଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ,୨୩/୦୮: ତାଲିବାନ ନେଇ କ'ଣ ହେବ ଭାରତର ରଣନୀତି ? କେନ୍ଦ୍ର ସରକାର ଡାକିଲେ ସର୍ବଦଳୀୟ ବୈଠକ । ଆସନ୍ତା ୨୬ ତାରିଖ ଦିନ ୧୧ଟାରେ ମାନସ ମନ୍ଥନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଆଫଗାନିସ୍ତାନରେ ଲଗାତର ବିଗୁଡୁଥିବା ସ୍ଥିତି ନେଇ ସର୍ବଦଳୀୟ ବୈଠକରେ ଆଲୋଚନା ହେବ । ଆଫଗାନିସ୍ତାନରେ ଭାରତ ବଡ ନିବେଶ କରିଛି । ପ୍ରାୟ ୨୨ ହଜାର କୋଟି ଟଙ୍କାର ଏକାଧିକ ପ୍ରକଳ୍ପ କରିଛି ଭାରତ । ସଲମା ଡ୍ୟାମ୍, ସଂସଦ ଭବନ ଓ ଜାତୀୟ ରାଜପଥରୁ ଆରମ୍ଭ କରି ସ୍କୁଲ, ହସ୍ପିଟାଲ ଓ ଲାଇବ୍ରେରୀ ପରି ଏକାଧିକ ପ୍ରକଳ୍ପ କରୁଛି ଭାରତ । ଏବେ ତାଲିବାନ କବଜା କରିବା ପରେ ଭାରତ ପାଇଁ ବଡ ଚ୍ୟାଲେଂଜ ସୃଷ୍ଟି ହୋଇଛି । ଏପରି ସ୍ଥିତିରେ ଭାରତର କ'ଣ ରହିବ ରଣନୀତି, ସେନେଇ ଆଲୋଚନା କରାଯିବ । ତାଲିବାନ ଶାସନ ପରେ ଭାରତ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ଆସିନାହିଁ । ଆଫଗାନିସ୍ତାନରେ ଫସିଥିବା ଭାରତୀୟଙ୍କୁ ସ୍ୱଦେଶ ଫେରାଇ ଆଣିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଛି । ବର୍ତ୍ତମାନ ସୁଦ୍ଧା ୫ ଶହରୁ ଅଧିକ ଭାରତୀୟଙ୍କୁ ଆଫଗାନିସ୍ତାନରୁ ସ୍ୱଦେଶ ଫେରାଇ ଅଣାଯାଇ ସାରିଲାଣି ।

‘ପରୀ’ ମାମଲାରେ ହାଇକୋର୍ଟ ଯିବାକୁ କହିଲେ ସୁପ୍ରିମକୋର୍ଟ

ନୟାଗଡ଼,୨୩/୦୮(ନି.ପ୍ର): ନୟାଗଡ଼ 'ପରୀ' ହତ୍ୟାକାରୀଙ୍କୁ ଉଚିତ ଦଣ୍ଡ ଦେବା ପାଇଁ ମାମଲାର ସିବିଆଇ ତଦନ୍ତ କରିବାକୁ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ ପରିବାର ଲୋକ। କୋର୍ଟ ମାମଲାକୁ ବିଚାର କରି ହାଇକୋର୍ଟ ଯିବାକୁ ପରାମର୍ଶ ଦେଇଛନ୍ତି। ହାଇକୋର୍ଟରେ ଆବେଦନ କରିବାକୁ 'ପରୀ'ର ବାପା-ମାଆଙ୍କୁ ସୁପ୍ରିମକୋର୍ଟ କହିଛନ୍ତି। ନୟାଗଡ଼ କୁନି ଝିଅ 'ପରୀ' ହତ୍ୟା ମାମଲାର ସିବିଆଇ ତଦନ୍ତ ଦାବିରେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ 'ପରୀ' ମାଆ। ପ୍ରଥମେ ରିଟ୍ ଓ ପରେ ସ୍ପେଶାଲ ଲିଭ୍ ପିଟିସନ ଜରିଆରେ ଆବେଦନ କରାଯାଇଥିଲେ। ପୂର୍ବ ଶୁଣାଣି ସମୟରେ ଖଣ୍ଡପୀଠ 'ପରୀ' ପରିବାର ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀଙ୍କୁ ତଳକୋର୍ଟ ଅର୍ଥାତ ଓଡ଼ିଶା ହାଇକୋର୍ଟ ଦେଇଥିବା ଅର୍ଡର କପି କୋର୍ଟଙ୍କ ନିକଟରେ ରଖିବାକୁ କହିଥିଲେ। ନୟାଗଡ଼ର କୁନି ଝିଅ 'ପରୀ' ଗାଁ ଦାଣ୍ଡରେ ଖେଳୁଥିଲା ବେଳେ ନିଖୋଜ ହୋଇଯାଇଥିଲା। ପରିବାର ଲୋକେ ଚାରିଆଡ଼େ ଖୋଜିଥିଲେ ମଧ୍ୟ ପାଇନଥିଲେ। ପରେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପୁଲିସ ପିଲାକୁ ଖୋଜିବା ବଦଳରେ ନାନା ନିର୍ଯାତନା ଦେଇଥିଲା। ଏପରିକି ଥାନାରେ 'ପରୀ' ବାପା-ମାଆଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏଥିରେ ମନ୍ତ୍ରୀ ଅରୁଣ ସାହୁଙ୍କ ସହଯୋଗୀ ବାବୁଲିର ହାତ ଥିବାରୁ ପୁଲିସ ନୀରବ ରହୁଥିବା 'ପରୀ'ର ବାପା-ମାଆ ଅଭିଯୋଗ କରିଥିଲେ। ପୁଲିସ ପ୍ରଶାସନଠାରୁ ନିରାଶ ହେବା ପରେ 'ପରୀ'ର ବାପା-ମାଆ ଭୁବନେଶ୍ୱର ଚାଲି ଆସିଥିଲେ। ସେମାନେ ବିଧାନସଭା ସମ୍ମୁଖରେ ଦେହରେ କିରାସିନି ଢ଼ାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ଏହି ମାମଲାକୁ ରାଜ୍ୟ ସାରା ତମ୍ବି ତୋଫାନ୍ ହୋଇଥିଲା। ବିଧାନସଭା ଚାଲି ପାରିଲା ନାହିଁ। ଶେଷରେ ରାଜ୍ୟ ସରକାର ଏସ୍‌ଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ଆଇଟି ତଦନ୍ତ କରି ଜଣେ ନାବାଳକକୁ ଗିରଫ କରି ସାବାଳକ ଦର୍ଶାଇ ପରୀ ହତ୍ୟାକାରୀ ସଜେଇଥିଲା। କିନ୍ତୁ ଏସ୍‌ଆଇଟି ତଦନ୍ତ ପ୍ରକ୍ରିୟାକୁ ନେଇ ସନ୍ଦେହ ▶▶ପୃଷ୍ଠା ୭

୨୫ରୁ ବଢିବ ବର୍ଷା

ଭୁବନେଶ୍ୱର,୨୩/୦୮(ନି.ପ୍ର): ଆସନ୍ତା ଦୁଇଦିନ ମଧ୍ୟରେ ଓଡ଼ିଶାର କିଛି ସ୍ଥାନରେ ହାଲୁକା ବର୍ଷା ସହିତ କାଳବୈଶାଖୀ ସମ୍ଭାବନା ରହିଛି। ସେହିପରି ୨୫ ତାରିଖ ଠାରୁ ବର୍ଷାର ପରିମାଣ ବୃଦ୍ଧି ପାଇବା ନେଇ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଅଗଷ୍ଟ ୨୫ରୁ ୨୬ ତାରିଖ ମଧ୍ୟରେ ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ସହିତ ବଜ୍ରପାତର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ନବରଙ୍ଗପୁର, କଳାହାଣ୍ଡି ଓ ସୁନ୍ଦରଗଡ଼ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ଉକ୍ତ ଜିଲ୍ଲାଗୁଡ଼ିକୁ ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଅଧ୍ୟାପକ ପଦବୀ ନିଯୁକ୍ତିରେ ଓବିସି ଓ ଆର୍ଥିକ ଅନଗ୍ରସରଙ୍କୁ ପ୍ରାଧାନ୍ୟ ଦିଆଯିବ : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର,୨୩/୦୮ (ନି.ପ୍ର): କେନ୍ଦ୍ର ଅଧୀନସ୍ଥ ଶିକ୍ଷାନୁଷ୍ଠାନରେ ଖାଲି ପଡିଥିବା ଅଧ୍ୟାପକ ପଦବୀ ସଂଖ୍ୟା ଖୁବ ଶୀଘ୍ର ପୂରଣ ହେବ ଏବଂ ଏହି ପଦବୀ ନିଯୁକ୍ତିରେ ଅନ୍ୟାନ୍ୟ ପଛୁଆ ବର୍ଗ ଓବିସି ଓ ଆର୍ଥିକ ଅନଗ୍ରସର ବର୍ଗର ଲୋକଙ୍କୁ ପ୍ରାଧାନ୍ୟ ଦିଆଯିବ ବୋଲି ସୋମବାର ନୂଆଦିଲ୍ଲୀ ଠାରେ ସର୍ବଭାରତୀୟ ଓବିସି ଛାତ୍ର ସଂଘର ପ୍ରତିନିଧି ମାନଙ୍କୁ ଭେଟିବା ଅବସରରେ ପ୍ରତିଶ୍ରୁତି ଦେଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ ସଂଘର ଛାତ୍ରଛାତ୍ରୀମାନେ ଓବିସି ବର୍ଗଙ୍କ ପାଇଁ ନିଟ୍ ପରୀକ୍ଷାରେ ସର୍ବଭାରତୀୟ କୋଟାରେ ୨୭ ପ୍ରତିଶତର ସ୍ଥାନ ସଂରକ୍ଷଣ ଦେବା ଏବଂ ଓବିସି ସମୁଦାୟଙ୍କ ସମ୍ମାନ, ନ୍ୟାୟ ଏବଂ ସୁଯୋଗକୁ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଛାତ୍ରଛାତ୍ରୀମାନେ ଓବିସିଙ୍କ କଲ୍ୟାଣ ଓ ଓବିସି ସମାଜକୁ ସଶକ୍ତ କରିବା ପାଇଁ ଥିବା ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ସରକାର ମଧ୍ୟମ ଏବଂ ଅସହାୟ ବର୍ଗଙ୍କୁ ସୁଯୋଗ ପ୍ରଦାନ କରିବା ଦିଗରେ କାମ କରୁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଉଲ୍ଲେଖନୀୟ, ମୋଦି ସରକାର ଚଳିତ ୨୦୨୧-୨୨ ଶିକ୍ଷା ବର୍ଷରୁ ମେଡ଼ିକାଲ ଏବଂ ଡେଂଟାଲ ପାଠ୍ୟକ୍ରମରେ ସ୍ନାତକ ଏବଂ ▶▶ପୃଷ୍ଠା ୭

ହିଞ୍ଜିଳିର ଆଉ ୧୦ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩/୦୮(ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ତାଙ୍କ ନିର୍ବାଚନମଣ୍ଡଳୀ ହିଞ୍ଜିଳିରେ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧୦ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଉଦବୋଧନ ଦେଇ କହିଛନ୍ତି ଯେ ଆମର ଓଡିଶାର ପିଲାମାନେ ପ୍ରତିଭାରେ କାହା ଠାରୁ କମ୍ ନୁହନ୍ତି । ସେମାନଙ୍କ ପାଖରେ ଭରପୁର ସମ୍ଭାବନା ରହିଛି । ସୁଯୋଗ ପାଇଲେ ସେମାନେ ଇତିହାସ ସୃଷ୍ଟି କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ହକି ଖେଳରେ ଆମର ପ୍ରଚୁର ସମ୍ଭାବନା ଥିଲା। ଯେତେବେଳେ ସେମାନଙ୍କୁ ପ୍ରୋତ୍ସାହନ ମିଳିଲା, ସେମାନେ ଦୀର୍ଘ ୪୧ ବର୍ଷ ପରେ ଅଲମ୍ପିକରେ ମେଡାଲ ଜିତି ଆମ ପାଇଁ ଗୌରବ ଆଣିଲେ। ଓଡିଶା ସରକାର ହକିକୁ ସ୍ପୋନସର କରୁଛି। ଓଡିଶାର ଦୁଇ ଜଣ ଖେଳାଳୀ ଦେଶପାଇଁ ଖେଳି ଆମର ମର୍ଯ୍ୟାଦା ବଢାଇଛନ୍ତି। ତେଣୁ ସବୁ କ୍ଷେତ୍ରରେ ସୁଯୋଗ ସୃଷ୍ଟି କରିବା ଉପରେ ▶▶ପୃଷ୍ଠା ୭

ମାଲକାନଗିରି ମହାବିଦ୍ୟାଳୟରେ ଉଚ୍ଚ ଶିକ୍ଷା ବିଭାଗର ବୈଠକ ଅନୁଷ୍ଠିତ

ମାଲକାନଗିରି,୨୩/୮ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉଚ୍ଚଶିକ୍ଷା ମସ୍ୟ ଓ କୃଷି ମନ୍ତ୍ରୀ ଡ଼ ଅରୁଣ କୁମାର ସାହୁ ଏବଂ ମୋ କଲେଜ ଅଭିଯାନର ପରିଚାଳକ ଆକାଶ ଦାଶ ନାୟକ ଯୋଗଦେଇ ଉଚ୍ଚଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ତଥା ମୋ କଲେଜ ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ମାଲକାନଗିରି ମହାବିଦ୍ୟାଳୟ ର ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗୀ ସଭାପତିତ୍ୱ କରିଥିବାବେଳେ ବାଣିଜ୍ୟ ବିଭାଗ ର ମୁଖ୍ୟ ତଥା ଆରକ୍ୱିୟୁ ଏସି ସଂଯୋଜକ ଡ଼ ରଞ୍ଜନ କୁମାର ସ୍ୱାଇଁ ସଭା ପରିଚାଳନା କରିଥିଲେ । ଏଥିରେ ଚାରିଟି ମହାବିଦ୍ୟାଳୟର ଅଧକ୍ଷ ଓ ଅଧାପକ, ଅଧାପିକା ମାନେ ଯୋଗଦେଇଥିଲେ । ମାଲକାନଗିରି ଆଦର୍ଶ ଡିଗ୍ରୀ ମହାବିଦ୍ୟାଳୟ, ଯୁକ୍ତ ୨ କନିଷ୍ଠ ସରକାରୀ ମହାବିଦ୍ୟାଳୟ, ମାଲକାନଗିରି ମହିଳା କନିଷ୍ଠ ମହାବିଦ୍ୟାଳୟ ଏବଂ ମାଲକାନଗିରି ଡିଗ୍ରୀ ମହାବିଦ୍ୟାଳୟ ର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ଥିଲେ । ମାଲକାନଗିରି ମହାବିଦ୍ୟାଳୟ ର ପୁରାତନ ଛାତ୍ରଛାତ୍ରୀ (ଆଲୁମିନି)ମାନେ ଅଂଶଗ୍ରହଣ କରିବା ସହ ମାଲକାନଗିରି ମହାବିଦ୍ୟାଳୟ କୁ ସରକାରୀ ମହାବିଦ୍ୟାଳୟ ରୂପେ ଘୋଷଣା କରିବା ଭଳି ବିଭିନ୍ନ ଦାବୀ ପତ୍ର ଉଚ୍ଚଶିକ୍ଷା ମନ୍ତ୍ରୀ ଡ଼ ଅରୁଣ ସାହୁ ଙ୍କୁ ପ୍ରଦାନ କରିଥିଲେ । ଏହି ସଭାରେ ମାଲକାନଗିରି ମହାବିଦ୍ୟାଳୟ ର ଅଧାପକ ଗୌତମ ନାୟକ, ତପନ କୁମାର ବେହେରା, ଲିଙ୍ଗରାଜ ମିଶ୍ର, ପ୍ରମେୟ ମହାନ୍ତି, ଜିମୂତ ନାୟକ, ପ୍ରଦୀପ ଓରାମ, ଅଧାପିକା ନମିତା ଦଣ୍ଡସେନା, ପ୍ରେମ ରେଖା ଭତ୍ରା, ଲକ୍ଷ୍ମୀ କୁଜୁର, ଲିପ୍ସାରାଣୀ ନାୟକ, ପ୍ରମୁଖ ଉପସ୍ଥିତ ଥିଲେ ।

କର୍କଟ ରୋଗରେ ଆକ୍ରାନ୍ତ ରାମର ଚିକିତ୍ସାରେ ଅର୍ଥ ସାଜିଛି ବାଧକ

ମାଲକାନଗିରି,୨୩/୮ (ନି.ପ୍ର): ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ଚଲାଣଗୁଡା ଗ୍ରାମ ପଞ୍ଚାୟତ ନୁଆଗୁଡା ଗ୍ରାମର ରାମା କବାସୀ ବୟସ ପାଖାପାଖି ୪୦ । ଦିର୍ଘ ତିନି ମାସ ହେବେ ସେ କର୍କଟ ରୋଗରେ ଆକ୍ରାନ୍ତ । ନା ସେ ଠିକ ସେ କହି ପାରୁଛନ୍ତି ନା ଠିକ ସେ କିଛି ଖାଇ ପାରୁଛନ୍ତି । ଆର୍ଥିକ ସ୍ଥିତି ଖରାପ ଯୋଗୁ ସେ ଭଲରେ ଚିକିତ୍ସା ମଧ୍ୟ ହୋଇ ପାରୁନାହାନ୍ତି । ଘରର ସେ ଏକମାତ୍ର ରୋଜଗାରିଆ ହୋଇ ପରିବାର ପ୍ରତିପୋଷଣ କରୁଥିଲେ କିନ୍ତୁ ବିଧିର ବିଧାନ ସବୁ ବିଗାଡି ଦେଇଛି ରାମା କବାସୀ କ୍ଷେତ୍ରରେ । ସେ ନିଜ ଚାଷ ଜମି ରେ ପନିପରିବା ଚାଷ କରି ଭଲ ଦି ପଇସା ରୋଜଗାର କରୁଥିଲେ । ଦେହ ଖରାପ ଯୋଗୁ ପ୍ରଥମେ ମାଲକାନଗିରି ହସ୍ପିଟାଲ ରେ ଦେହ ଦେଖାଇଥିଲେ ପରେ ମେଡିକାଲ ଚିକିତ୍ସା ବେଳେ ତାଙ୍କୁ କର୍କଟ ରୋଗ ହୋଇଥିବା ଜାଣିବାକୁ ପାଇବା ପରେ ତାଙ୍କୁ କଟକ ଆଚାର୍ଯ୍ୟ ହରିହର ରେଜିନାଲ କ୍ୟାନ୍ସର ସେଣ୍ଟର ଚିକିତ୍ସା ପାଇଁ ପଠାଯାଇଥିଲା ଆର୍ଥିକ ସ୍ଥିତି ଖରାପ ଥିବା ଯୋଗୁସେଠାରେ ଠିକରେ ଚିକିତ୍ସା ନହୋଇ ଆଠ ଦିନ ରହିବା ପରେ ନିଜ ଘର କୁ ଫେରିଆସିଥିଲେ ! ସେ ଜଣେ ଆଦିବାସୀ ହୋଇଥିଲେ ମଧ୍ୟ ସରକାରୀ ସ୍ତରରେ ଚିକିତ୍ସା ପାଇଁ କୌଣସି ସୁବିଧା ପାଇ ପାରି ନାହାନ୍ତି ବୋଲି ତାଙ୍କ ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି ! ବର୍ତମାନ ଦେଶୀ ଔଷଧ ଉପରେ ନିର୍ଭର କରି ପରିବାର ଲୋକେ ରାମା ର ଚିକିତ୍ସା କରିଚାଲିଛନ୍ତି ! ବର୍ତମାନ ସଂକ୍ରମଣ ଯୋଗୁଁ ତାଙ୍କ ତଣ୍ଟି ପାଖରେ ଗର୍ତ୍ତ ସୃଷ୍ଟି ହୋଇଯାଇଥିବାରୁ ସେ ବର୍ତମାନ ଠିକରେ କଥା କହି ପାରୁନାହାନ୍ତି କି ଖାଇ ପାରୁନାହାନ୍ତି, !ନିଜ ଜମି, ଗାଇ, ଛେଳି, ମେଣ୍ଢା କୁକୁଡ଼ା ବିକ୍ରି କରିବା ସହ ବର୍ତମାନ ଏହି ଚିକିତ୍ସା ପାଇଁ ସେ ୨ ରୁ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରି ସାରିଲେଣି କିନ୍ତୁ ଭଲ ହେଉନାହାନ୍ତି ! ଅନ୍ୟ ପଟେ କିପରି ପରିବାର ଚଳିବ ତାହା ମଧ୍ୟ ତାଙ୍କୁ ଚିନ୍ତା ଘାରିଛି । ଘର ର ଦୁଇ ଛୋଟ ଝିଅ ଓ ଦୁଇ ପୁଅ ଅଛନ୍ତି । ତାଙ୍କ ସ୍ତ୍ରୀ ଆଇତି କବାସୀ ନିଜ ସ୍ୱାମୀଙ୍କୁ ଉତ୍ତମ ଚିକିତ୍ସା ପାଇଁ ବହୁ କରଜ କରିଥିଲେ ସୁଦ୍ଧା ସେ ଭଲ ହେଉନାହାନ୍ତି । ଗ୍ରାମବାସୀ କିଛି ସାହାଯ୍ୟ କଲେ ଘର ଚଳେ ନଚେତ ଭୋକ ଉପସାରେ ରହିଯାଆନ୍ତି ପରିବାର । ତେଣୁ ତାଙ୍କ ସ୍ତ୍ରୀ ସ୍ୱାମୀ ର ଉତ୍ତମ ଚିକିତ୍ସା ପାଇଁ ପ୍ରଶାସନର ସାହାଯ୍ୟ ମାଗିବା ସହ ସହୃଦୟ ବ୍ୟକ୍ତି ସହଯୋଗର ହାତ ବଢାଇବା ପାଇଁ ନିବେଦନ କରିଛନ୍ତି ।

ଅଲେଖ ଧର୍ମାବଲମ୍ବୀଙ୍କ ନୂଆଖାଇ

ନୂଆପଡ଼ା,୨୩/୮ (ନି.ପ୍ର): ଭାଦ୍ରବ ମାସ ପଞ୍ଚମୀ ତିଥିରେ ପଶ୍ଚିମ ଓଡିଶା ବାସି ନୁଆଁ ଅର୍ଣ୍ଣ ଖାଇଥାନ୍ତି,ତାକୁ ପଶ୍ଚିମ ଓଡିଶାର ଗଣ ପର୍ବ ନୂଆଖାଇ ବୋଲି କହିଥାନ୍ତି ! ହେଲେ ଏହି ଅଞ୍ଚଳ ରେ ରହୁଥିବା ଅଲେଖ ଧର୍ମାବଲମ୍ବି ମାନେ ଶ୍ରାବଣ ମାସ ପୁର୍ଣିମାତିଥି ରେ ମହା ଆଡମ୍ବରରେ ଗୀତ ବାଦ୍ୟ କରି ନୂଆଖାଇ ପର୍ବ ପାଳନ କରି ଥାନ୍ତ ! ଅର୍ଥାତ ଆଜି ଲଛମନ ବାବା ଜଣେ ଅନ୍ଧ ହୋଇ ମଧ୍ୟ ପରମ୍ପରା ବଜାଇ ରଖି ଛନ୍ତି ତାଙ୍କ ନେତୃତ୍ୱରେ ଆଖ ପାଖ ରେ ଥିବା ଅନେକ ସାଧୁ ସନ୍ଥ ମାନେ ଏକତ୍ରିତ ହୋଇ ଆଗ ତୁରା ନୂଆଁ ଅର୍ଣ୍ଣ ଖାଇଛନ୍ତି ! ଯଦି ବା ନୂଆଖାଇ ର ପରମ୍ପରା ସମାନ ରହିଥିଲେ ହେଁ ଅଲେଖ ଧର୍ମାବଲମ୍ବି ର ସାଧୁ ସନ୍ଥ ମାନଙ୍କ ଅଲଗା ଧର୍ମ ବିଶ୍ୱାସ ରହିଛି ! ଆଜି ପଶ୍ଚିମ ଓଡିଶା ର ଅନ୍ୟାନ୍ୟ ଅଲେଖ ଧର୍ମାବଲମ୍ବି ମାନଙ୍କ ଭଳି ନୂଆପଡା ଜିଲ୍ଲା ର ଅଲେଖ ମହିମା ସାଧୁ ସନ୍ଥ ମାନେ ନୂଆଁ ଅର୍ଣ୍ଣ ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ତୁକୁଲା ଠାରେ ରେ ଥିବା ଅଲେଖ ବାବା ମଠ, ସିନାପାଲି ବ୍ଲକ ସର୍ଦାପୁର ବାବା ମଠ, ରାଣୀପୁର ମଠ ରେ ନୂଆ ଅର୍ଣ୍ଣ ଖାଇଛନ୍ତି ! ପ୍ରଥମ ଅମଳ ହେଉଥିବା (ଆଟ ଧାନ)କୁ ନୁଆଁ ପାତ୍ର ରେ ସଂଗ୍ରହ କରି ଅଲେଖ ମଠ ରେ ରଖି ଥିଲେ ! ଏହା ମାଟି ପାତ୍ରରେ ନୁଆଁ ଧାନ କୁ ନିଆଁ ରେ ଭୁଞ୍ଜିବା ପରେ ଗୁଣ୍ଡ କରି ଚୁଡା ପ୍ରସ୍ତୁତ କରିଥିଲେ ! ପରେ ଘିଅ, ଗୁଡ, ପଞ୍ଚାମୃତ, କଦଳୀ, ନଡ଼ିଆ ମିଶାଇ ନବାର୍ଣ୍ଣ ତିଆରି ହୋଇଥିଲା ! ଅଲେଖ ଗୋସାଇଁ ଙ୍କୁ ନବାର୍ଣ୍ଣ ଟେକିବା ପରେ ସାଧୁ ସନ୍ଥ ମାନେ ମିଳିତ ଭାବରେ ନୁଆଁ ଅର୍ଣ୍ଣ ଭକ୍ଷଣ କରିଥିଲେ ! ଏହା ପରେ ସାଧୁସନ୍ଥ ମାନେ କରୋନା ଭୁତାଣୁ ରୁ ସମସ୍ତ ଙ୍କୁ ରକ୍ଷା କରିବା ଉଦେଶ୍ୟ ରେ ଅଲେଖ ମହିମା ଙ୍କୁ ସାମୁହିକ ପ୍ରାର୍ଥନା କରିଥିଲେ ଓ ସମସ୍ତ ଙ୍କ ମଙ୍ଗଳ କାମନା କରିଥିଲେ ବୋଲି ଅଲେଖ ଧର୍ମାବଲମ୍ବି କହିଛନ୍ତି ।

ଚିତ୍ରକଳାରେ ପାରଙ୍ଗମ, ନାହିଁ ପ୍ରୋତ୍ସାହନ, ଦାରିଦ୍ରରେ ଯୁଝୁଛନ୍ତି ଆଦିବାସୀ ଛାତ୍ର, ଗତ ୨ ବର୍ଷ ହେଲା ମିଳିନାହିଁ ଷ୍ଟାଇପେଣ୍ଡ

କନ୍ଧମାଳ,୨୩/୮ (ନି.ପ୍ର): ଫୁଲବାଣୀ ସଦର ମହକୁମା ଠାରୁ ମାତ୍ର ଦୁଇ କିଲୋମିଟର ଦୂର ୧୫୭ ନମ୍ବର ଜାତୀୟ ରାଜପଥରୁ ମାତ୍ର ଶହେ ମିଟର ଦୂରରେ ଅବସ୍ଥିତ କଲାଡି ଗାଁ ହେଲେ ଅଧିକାଂଶ ଲୋକଙ୍କ ସମସ୍ତଙ୍କ ଦୃଷ୍ଟି ଆଡୁଆଳରେ । କନ୍ଧମାଳ ଜିଲ୍ଲାରେ ପ୍ରତିଭାର ନାହିଁ ଅଭାବ । କିନ୍ତୁ ପ୍ରୋତ୍ସାହନ ଅଭାବରୁ ବଣମଲ୍ଲୀ ପରି ସବୁ ମଉଳି ଯାଉଛନ୍ତି । ସଦର ମହକୁମା ପାର୍ଶ୍ୱସ୍ଥ ଗାଁ ପ୍ରତିଭା ମଧ୍ୟ ଅନ୍ଧକାରରେ,ଅଭାବ ଓ ଅନାଟନ ମଧ୍ୟରେ ଯୁଝୁଛନ୍ତି । ଏ ହେଉଛନ୍ତି ଆଉ ଜଣେ ବୁଦ୍ଧିଆ । ଅବଶ୍ୟ ଏ ହେଉଛନ୍ତି ବୁଦ୍ଧଦେବ କହଁର (୧୮) ଓରଫ୍ ବୁଦ୍ଧିଆ । ଚିତ୍ରରେ ଜୀବନ୍ତ ହେଉଛି ତାଙ୍କ କଳାକୃତି । ପେନସିଲ୍ ଆର୍ଟରେ କରିଥିବା ଅନେକ ଚିତ୍ର ଆକର୍ଷଣୀୟ ହୋଇଛି । କୌଣସି ଚାଲିମ ନେଇନଥିଲେ ହେଁ ଚିତ୍ରକୁ ଚମତ୍କାର ଜୀବନ ଦେଇପାରୁଛନ୍ତି ବୁଦ୍ଧିଆ । ଏହି ପ୍ରତିଭାବାନ ଯୁବ ଆଦିବାସୀ ଚିତ୍ରକର କିନ୍ତୁ ଯୁଝୁଛନ୍ତି ନାନା ଅସୁବିଧା ମଧ୍ୟରେ । ବାପା ଯତନ କହଁର(୬୦) ଜଣେ ଚାଷୀ । ବୟସର ସାୟାନ୍ନରେ ପରିବାର ଚଳାଇବା କଷ୍ଟକର । ପୁଅ ପାଇଁ କଣ ବା ସୁବିଧା କରିବେ । ଦୁଇ ପୁଅ ତାଙ୍କର । ବୁଦ୍ଧିଆ ହେଉଛନ୍ତି ବଡ । ଗତ ଦୁଇ ବର୍ଷ ଧରି ବୁଦ୍ଧଦେବ ଛାତ୍ର ବୃତି(ଷ୍ଟାଇପେଣ୍ଡ) ମଧ୍ୟ ପାଇନାହାଁନ୍ତି ଯାହା ଚକିତ କରିଛି ସମସ୍ତଙ୍କୁ । ଏ ନେଇ କାହାରି ପାଖରେ ସଠିକ୍ ଉତର ନାହିଁ । ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ତିନି ପ୍ରଥମ ବର୍ଷ କଳା ଛାତ୍ର ବୁଦ୍ଧିଆ ନିଜ ଚିତ୍ରକଳାକୁ ଅନ୍ୟ ମାନଙ୍କୁ ଦେଖାଇ ହିଁ ଖୁସି ପାଉଛନ୍ତି । ପରିବାରର ଦୁଃଥ ତାଙ୍କ କଥାରୁ ବାରି ହୋଇପଡୁଛି । ପଢିବାକୁ ଏବଂ ଚିତ୍ରକଳାକୁ ଆଗେଇ ନେବା ପାଇଁ ଢେର୍ ଆତ୍ମବିଶ୍ୱାସ ଓ ଆଗ୍ରହ ରହିଛି କିନ୍ତୁ ଅର୍ଥ ଓ ସୁଯୋଗ ନାହିଁ ବୋଲି କ୍ଷୋଭ ପ୍ରକାଶ କରୁଛନ୍ତି । ଏପରିକି ଏହି ପରିବାରକୁ ଘର, ଭତା, କାର୍ଡ, ପାଇଖାନା, ଏଲପିଜି ସଂଯୋଗ ଓ ଅନ୍ୟାନ୍ୟ କୌଣସି ସରକାରୀ ସହାୟତା ନ ମିଳିବା ହତଚକିତ କରିଛି ସମସ୍ତଙ୍କୁ । ଏ ନେଇ ସଂପୃକ୍ତ ଅଂଚଳର ଅଧିକାରୀ ଗୁରୁତ୍ୱ ଦେଇ ସହାୟତା ପ୍ରଦାନ କରିବା ସହିତ ବୁଦ୍ଧିଆଙ୍କ ପ୍ରାପ୍ୟ ତୁରନ୍ତ ପ୍ରଦାନ କରିବା ବିଧେୟ । ସହାୟତା ଓ ପ୍ରୋତ୍ସାହନ ଦେଲେ ବଣ ମଲ୍ଲୀ ନିଶ୍ଚିତ ପ୍ରସ୍ଫୁଟିତ ହେବ ଓ ମହକରେ ସମସ୍ତଙ୍କୁ ପୁଲକିତ କରିବ ଏଥିରେ ସନ୍ଦେହର ଅବକାଶ ନାହିଁ ।

ଡାକ୍ତର ବୈଷ୍ଣବ ପରିଡାଙ୍କ ନାମରେ ଅଙ୍ଗୁଳାଇ ନେମ୍ବରା ରାସ୍ତା ନାମିତ କରିବାକୁ ଦାବି

କେନ୍ଦ୍ରାପଡ଼ା,୨୩/୮ (ନି.ପ୍ର): ଜଣେ ସୁନାମଧନ୍ୟ ଚିକିତ୍ସକ ତଥା ନିସ୍ୱାର୍ଥପର ଜନ ସେବକ ଡାକ୍ତର ବୈଷ୍ଣବ ଚରଣ ପରିଡାଙ୍କ ତିରୋଧାନରେ ଏକ ଶ୍ରଦ୍ଧାଞ୍ଜଳି ସଭା ସମାଜସେବୀ ଭଜକୃଷ୍ଣ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ବହୁ ବିଶିଷ୍ଟ ବ୍ୟକ୍ତି ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ସ୍ୱର୍ଗତଃ ପରିଡାଙ୍କ ନିଶ୍ଚୁକ୍ଳ ଜନ ସେବା ଓ ସମାଜ ସେବା ଜିଲ୍ଲାପାଇଁ ଏକ ଉଦାହରଣ ସୃଷ୍ଟି କରିଛି ବୋଲି ମତବ୍ୟକ୍ତ କରିଥିଲେ । ଜିଲ୍ଲା ବିକାଶ ସାମୁକ୍ଷ୍ୟ ର ସଭାପତି ଅଧାପକ ଅଜୟ ସାମଲ , ଡ଼ଃ ବାସୁଦେବ ଦାସ, ଫକିର ଚରଣ ଖଟୁଆ ମୁଖ୍ୟ ଅତିଥି ଭାବ ଯୋଗ ଦେଇ ସ୍ୱର୍ଗତଃ ଡାକ୍ତର ପରିଡା ଜନତାର ଦରଦୀ ବନ୍ଧୁ ରୂପେ ଅଭିହିତ କରି ତାଙ୍କର ବହୁମୁଖୀ ପ୍ରତିଭାର ଅଧିକାରୀ ରୂପେ ବର୍ଣ୍ଣନା କରିଥିଲେ । ଅଙ୍ଗୁଳାଇ ଠାରୁ ନେମ୍ବରା ରାସ୍ତାକୁ ନାମିତ କରିବା ସହ ସହରର ଏକ ପ୍ରମୁଖ ସ୍ଥାନରେ ତାଙ୍କର ପ୍ରତିମୂର୍ତି ସ୍ଥାପନ ପାଇଁ ପ୍ରଶାସନ ପାଖରେ ଦାବି କରିଥିଲେ । ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ରମଣୀ ରଞ୍ଜନ ରାଉତରାୟ, ସ୍ୱପ୍ନାଶୁ ଦାସ, ଆଦିକନ୍ଦ ରାଉଳ, ଡ଼ଃ ଉପେନ୍ଦ୍ର ନାଥ ପ୍ରଧାନ, ବାବାଜୀ ଧଳ, ଅବନ୍ତୀ ବେହେରା ପ୍ରମୁଖ ଉପସ୍ଥିତ ହୋଇ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହ ସ୍ମୃତି ଚାରଣ କରିଥିଲେ ।

ତୁମୁଡ଼ିବନ୍ଧ ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରମୋଦ ମାନସେଠ୍‌ଙ୍କ ଇସ୍ତଫା

କନ୍ଧମାଳ,୨୩/୮ (ନି.ପ୍ର): ତୁମୁଡିବନ୍ଧ ବ୍ଲକ କଂଗ୍ରେସ କମିଟିର ସଭାପତି ପ୍ରମୋଦ ମାନସେଠ୍ ଶନିବାର ଦିନ ନିଜ ପଦବୀରୁ ଇସ୍ତଫା ଦେଇଥିବା ଜଣାପଡିଛି । ଏହା ଯୋଗୁଁ ତୁମୁଡ଼ିବନ୍ଧ ଜାତୀୟ କଂଗ୍ରେସ ଦଳକୁ ଏକ ଝଟକା ଲାଗିଥିବା ସାଧାରଣରେ ଆଲୋଚନା ହେଉଛି । ଦିର୍ଘ ୩ବର୍ଷକାଳ ସଭାପତି ଦାୟିତ୍ୱରେ ରହି ପ୍ରମୋଦ ମାନସେଠ୍ ଦଳିୟ ସଂଗଠନକୁ ମଜଭୁତ କରିବା ଓ ଦଳର ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରତିନିଧିତ୍ୱ କରି ବଳିଷ୍ଠ ପ୍ରଦର୍ଶନ କରି ଆସିଥିଲେ । ତେବେ ପିତାଙ୍କ ଦେହାନ୍ତ ଓ ଅନ୍ୟାନ୍ୟ ବ୍ୟକ୍ତିଗତ କାରଣ ଦର୍ଶାଇ ନିଜର ଇସ୍ତଫା ପତ୍ର କନ୍ଧମାଳ ଜିଲ୍ଲା କଂଗ୍ରେସ କମିଟି କୁ ପ୍ରେରଣ କରିଛନ୍ତି । ସଭାପତି ପଦରୁ ଇସ୍ତଫା ଦେବାପରେ ଦଳରେ ଜଣେ ଶୃଙ୍ଖଳିତ କର୍ମିଭାବେ କାର୍ଯ୍ୟ କରିବିବୋଲି ସେ ପ୍ରତିଶୃତି ଦେଇଛନ୍ତି । ତେବେ ତାଙ୍କ ଇସ୍ତାଫାକୁ ନେଇ ତୁମୁଡ଼ିବନ୍ଧ ବ୍ଲକର ବିଜେଡି ଓ ବିଜେପି ମଧ୍ୟରେ ନାନା କଳ୍ପନା ଜଳ୍ପନା ଆରମ୍ଭ ହେଇଯାଇଛି । ଆଗକୁ ପଂଚାୟତ ନିର୍ବାଚନ ଥିବାରୁ ଏଭଳି ଏକ ବରିଷ୍ଠ କର୍ମିଙ୍କୁ ହାତେଇବା ପାଇଁ ଉଭୟ ଦଳ ଚେଷ୍ଟା କରୁଥିବା ଆଲୋଚନା ହେଉଛି । ନିକଟ ଭବିଷ୍ୟତରେ ପଂଚାୟତ ନିର୍ବାଚନ ହେବାକୁ ଥିବାରୁ ତାର ଅଳ୍ପ ପୂର୍ବରୁ ଏଭଳି ସଭାପତି ପଦରୁ ଇସ୍ତାଫାଦେବା ଦଳପାଇଁ ଶୁଭଙ୍କର ନୁହଁ ବୋଲି ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଛି । ସେତାଙ୍କ ବ୍ୟକ୍ତିଗତ କାରଣରୁ ଇସ୍ତଫା ଦେଇଛନ୍ତି ତେଣୁ ଦଳ ଏହାକୁ ଗ୍ରହଣ କରିବକି ନାହିଁ ତାହା ଆଗାମି ଦିନରେ ଜଣାପଡିବ ବୋଲି କଂଗେସ ଦଳର ବରିଷ୍ଠକର୍ମି ତଥା ପୁର୍ବତନ ସାଂସଦ ନକୁଳ ନାୟକ ପ୍ରତିକ୍ରିୟା ରଖିଛନ୍ତି । ଅନ୍ୟପଟେ ନିଜର ଅକ୍ଷମତାକୁ ଇସ୍ତଫା ପତ୍ରରେ ଦର୍ଶାଇ ପ୍ରମୋଦ ମାନସେଠ୍ ନିଜର ଇସ୍ତଫା ନିବେଦନ କରିଛନ୍ତି ତେଣୁ ବର୍ତମାନ ଦଳମଧ୍ୟ ତାଙ୍କ ପରିସ୍ଥିତିକୁ ହୃଦୟଙ୍ଗମ କରି ଦଳର ଅନ୍ୟ କୌଣସି ପଦପଦବୀରେ ଆଗାମି ଦିନରେ ଅବସ୍ଥାପିତ ବୋଲି କନ୍ଧମାଳ ଜିଲ୍ଲା କଂଗ୍ରସ କମିଟି ସଭାପତି ଅନାମ ନାୟକ ପ୍ରତିକ୍ରିୟା ରଖିଛନ୍ତି ।

ଅପହୃତ ଶିଶୁପୁତ୍ର ଉଦ୍ଧାର : ଅପହରଣକର୍ତ୍ତା ଗିରଫ

ଜଗତସିଂହପୁର ,୨୩/୮ (ନି.ପ୍ର): ଅପହୃତା ଶିଶୁ ପୁତ୍ର ରାହୁଲ ଉଦ୍ଧାର । ଜଗତସିଂହପୁର ସଦର ପୋଲିସ ସାରା ଜିଲ୍ଲାରେ ଏକ ସ୍ୱତନ୍ତ୍ରଟିମ ଗଠନ କରି ଖୋଳ ତାଡ଼ କରି ଶେଷରେ ୬ ଦିନ ରେ ସେହି ସଦର ଥାନା ଅନ୍ତର୍ଗତ ତରୀକୁନ୍ଦ ପୋଲିସ ଫାଣ୍ଡି ଅନ୍ତର୍ଗତ ବରାଗୋଳ ପଂଚାୟତ ର ବିଶ୍ୱନାଥପୁର ଗ୍ରାମ ରୁ ଆସାମୀ ଗଣେଶ ଙ୍କ ସହିତ ଶିଶୁ ରାହୁଲ କୁ ଉଦ୍ଧାର ଓ ଆସାମୀ ଗଣେଶ କୁ ଗିରଫ କରିଛି । ଉଭୟଙ୍କୁ ଥାନାକୁ ଆଣି ଉଦ୍ଧାର ରାହୁଲକୁ ତାର ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟ କୁ ପଠାଇବା ସହିତ ଆସାମୀ କୁ ପୋଲିସ ର ଜେରା ଜାରୀ ରହିଛି । ଖବର ରୁ ପ୍ରକାଶ ଯେ ଗତ ବୁଧବାର ଜୁଲାଇ ବ୧୮ ତାରିଖ ସକାଳେ ଜଗତସିଂହପୁର ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ର ଓଏଟିଙ୍ଗ ହଲ ରୁ କେହି ଦୁର୍ବୁତ୍ତ ୩ ବର୍ଷ ର ଶିଶୁ ରାହୁଲକୁ ଅପହରଣ କରିନେଇଥିଲେ । ରାହୁଲ କୁ ତାର ଆଇମା ଚନ୍ଦ୍ରମା ସ୍ୱାଇଁ ଗତ କିଛି ମାସ ଧରି ରଉତସାହି ଏରସମା ରୁ ଆସି ଚିକିତ୍ସିତ ହେଉଥିଲେ । ଆଇମା କୌଣସି କାରଣରୁ ଦୋକାନକୁ କୌଣସି ଜିନିଷ ପତ୍ର ଆଣିବା ପାଇଁ ଦୋକାନ କୁ ଯିବା ଅବସରର ସୁଯୋଗ ନେଇଥିଲେ ବରାଗୋଳ ପଞ୍ଚାୟତ ର ବିଶ୍ୱନାଥପୁର ଗ୍ରାମର ଆସାମୀ ଗଣେଶ ମାଲିକ, ପିତା ଶତ୍ରୁଘନ ମଲିକ । ଏହା ପରେ ଆଇମା ଦୋକାନ ରୁ ଫେରି ଦେଖିବା ବେଳକୁ ନାତି ରାହୁଲ ନାହିଁ , ବହୁ ଖୋଜା ଖୋଜି ପରେ ନାତି ନମିଳିବାରୁ ବାଧ ହୋଇ ଆଇମା ଚନ୍ଦ୍ରମା ଥାନା ରେ ଅଭିଯୋଗ କରିଥିଲେ ।ପୋଲିସ ଅଭିଯୋଗ ପାଇବା ପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିଥିଲେ । ସାରା ଜିଲ୍ଲା ଖୋଜା ଖୋଜି କରି ଶେଷରେ ନିଜ ଥାନା ଅନ୍ତର୍ଗତ ବିଶ୍ୱନାଥପୁର ରୁ ରାହୁଲ କୁ ଉଦ୍ଧାର କରିବା ରେ ସମର୍ଥ ହେବା ସହିତ ଆସାମୀକୁ ଗିରଫ କରିଥିବା ଜଣାପଡ଼ିଛି । ରାହୁଲ ଉଦ୍ଧାର ପରେ ତୁରନ୍ତ ତାକୁ ମେଡ଼ିକାଲ ରେ ପୋଲିସ ଭର୍ତ୍ତି କରିଥିଲେ । ତାର ସ୍ୱାସ୍ଥ୍ୟ ଠିକ ଥିବା ଜଣାପଡିଛ । ପୋଲିସ ସି ଡବ୍ଲୁ ସି ସହିତ ଯୋଗାଯୋଗ କରିଛି । ଶିଶୁ ରାହୁଲ କୁ ଚାଇଲଡ଼ ଓଏଲଫୟାରକମିଟି ବା ସି ଡବ୍ଲୁ ସି କୁ ହସ୍ତାନ୍ତର କରାଯିବ । ସେପଟେ ଆସାମୀ ଗଣେଶ କୁ ପୋଲିସ ଜେରା ଚାଲୁ ରଖିଛି , ସେ ନିଜେ ଏ କାମ କରୁଛି କି ତାର ଚାଇଲଡ଼ ଟ୍ରାଫିକିଙ୍ଗ ରାକେଟ ପାଇଁ କାମ କରୁଛି । ତଦନ୍ତ ପରେ କାଲି ପୋଲିସ ଆସାମୀ କୁ କୋର୍ଟ ଚାଲାଣ କରିବ ।

ରାଜପଥ ଅବରୋଧ ଘଟଣାରେ ଟୋଲ କର୍ମଚାରୀ କୋର୍ଟ ଚାଲାଣ

କୋରାଇ,୨୩/୮ (ନି.ପ୍ର): ପାଣିକୋଇଲି ପୁଲିସ ଆଜି ଟୋଲ ପ୍ଲାଜା କର୍ମଚାରୀ ଅଳତିରି ଗ୍ରାମର ଅକ୍ଷୟ ସାହୁଙ୍କ ପୁଅ ସତ୍ୟ ପ୍ରକାଶ ସାହୁଙ୍କୁ (୩୧) ଗିରଫ କରି କୋର୍ଟ ଚାଲାଣ କରିଛି । ଶନିବାର ଡ୍ରାଇଭର ଜଗନ୍ନାଥ ବେହେରା ଓ ଖଲାସି ତାପସ ବେହେରାଙ୍କୁ ଟୋଲ ଗେଟରେ ମାଡ ମାରିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଏନେଇ ପୁଲିସ ଏକ ମାମଲା ୨୩୨/୨୧ ରୁଜୁ କରି ସତ୍ୟକୁ ଦଫା ୩୧୪, ୩୨୩, ୩୨୪, ୪୩ ଆଇପିସରେ ଆଜି କୋର୍ଟ ଚାଲାଣ କରିଛ

ଅଯଥା ଖର୍ଚ୍ଚରୁ ବର୍ତ୍ତିବାର ଉପାୟ

ଆଜିକାଲି ସମୟରେ ଗୃହିଣୀମାନେ ଘର ସଉଦା, ପନିପରିବା କିଣିବାକୁ ସୁପରମାର୍କେଟ ଯିବାକୁ ଅଧିକ ପସନ୍ଦ କରୁଛନ୍ତି । ୨୭% କର୍ମଜୀବୀ ମହିଳାଙ୍କ ମତରେ ଗୋଟିଏ ମାର୍କେଟ୍‌ରେ ସେମାନେ ସମସ୍ତ ପ୍ରକାର ସାମଗ୍ରୀ କିଣିପାରନ୍ତି । ସମୟ ବଞ୍ଚିବା ସହ ନାମୀଦାମୀ କମ୍ପାନୀର ଉନ୍ନତମାନର ଜିନିଷ କିଣିବାର ସୁଯୋଗ ମିଳିଥାଏ । ନିକଟରେ ବିଶ୍ୱର ପ୍ରମୁଖ ମହାନଗରୀରେ ହୋଇଥିବା ଅନୁସନ୍ଧାନରୁ ଜଣାପଡ଼ିଛି, ସୁପରମାର୍କେଟ୍‌ରୁ ନିୟମିତ ସଫିଂ କରୁଥିବା ଲୋକ ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚ କରିଥାନ୍ତି । ୨୦୧୯ ଜୁନ୍‌ରୁ ଡିସେମ୍ବର ପର୍ଯ୍ୟନ୍ତ ଏହି ଅନୁଧ୍ୟାନ ହୋଇଥିଲା । ମଧ୍ୟବିତ୍ତ ଓ ଧନିକ ଉଭୟ ବର୍ଗର ଗ୍ରାହକଙ୍କ ସୁପରମାର୍କେଟ୍‌ରେ ଭିଡ ଦେଖିବାକୁ ମିଳିଥାଏ ।

♦ଆପଣଙ୍କର କେଉଁ ସାମଗ୍ରୀ କିଣିବା ଆବଶ୍ୟକ, ତାହାର ତାଲିକା ଘରୁ ପ୍ରସ୍ତୁତ କରିନେଇଯାନ୍ତୁ । ବିନା ତାଲିକାରେ ସୁପର୍‌ମାର୍କେଟ୍ ଯାଉଥିଲେ ଜଣେ ବ୍ୟକ୍ତି ଅନାବଶ୍ୟକ ଜିନିଷମାନ ପ୍ରଥମେ କିଣିଥାଏ ।

♦ବିଶେଷଜ୍ଞଙ୍କ ମତରେ ଭୋକିଲା ପେଟରେ ଫୁଡ୍ ବଜାର୍ ଆଦୌ ଯାଆନ୍ତୁ ନାହିଁ । ଚିଡ଼ଚିଡ଼ା, ଭୋକରେ ମଧ୍ୟରେ ୫୫%ରୁ ଅଧିକ ଲୋକ ଅଯଥା ଜିନିଷ କିଣୁଥିବାର ଦେଖାଯାଇଛି ।

♦ସୁପରମାର୍କେଟ୍ ଯାଉଥିଲେ ସେଲ୍ ଲାଗିଥିବା କୋଣକୁ ଯିବାକୁ ଯେପରି ନ ଭୁଲନ୍ତୁ । ଭଲଭଲ ବ୍ରାଣ୍ଡର ସାମଗ୍ରୀମାନ ଏଠାରେ କମ୍ ମୂଲ୍ୟରେ ମିଳିଯାଏ, କେବଳ ଯାହା ଦେଖିପରଖି ଆପଣ କିଣିବେ ।

♦ଫୁଡ୍ ବଜାର୍‌ରେ ଥାକଗୁଡ଼ିକରେ ସାମ୍ନାରେ ଥିବା ଜିନିଷକୁ ଉଠାନ୍ତୁନାହିଁ । ପଛକୁ ଥିବା ସାମଗ୍ରୀ ଆଣିବା ବୁଦ୍ଧିମାନର ପରିଚୟ; କାରଣ ସାମ୍ନାରେ ଥିବା ସାମଗ୍ରୀକୁ ଅନେକ ଗ୍ରାହକ ହାତ ମାରିଥାନ୍ତି । ସେସବୁ ପ୍ୟାକେଟ୍ ଫାଟିଯାଇଥିବାର ଭୟକୁ ଏଡ଼ାଇ ଦିଆଯାଇନପାରେ ।

♦ସୁପର୍‌ମାର୍କେଟ୍‌ରେ କାମ କରୁଥିବା କର୍ମଚାରୀଙ୍କ ସହାୟତା ନିଅନ୍ତୁ । କେଉଁ ସାମଗ୍ରୀରେ କ'ଣ ଅଫର୍ ଅଛି, ଏମାନେ ନିର୍ଭୁଲ୍ ତଥ୍ୟ ଦେଇପାରନ୍ତି । ବଡ଼ବଡ଼ ପ୍ୟାକେଟ୍ କିଣନ୍ତୁ, ଏସବୁରେ ଅଧିକ ରିଆତି ମିଳିଥାଏ ।

ସାଧାରଣ ଗୃହିଣୀରୁ ସେଲିବ୍ରିଟି ଫ୍ୟାଶନ ଡିଜାଇନର୍

ସଙ୍ଗୀତା ବୁଚରା, ଯିଏକି ଜଣେ ସେଲିବ୍ରିଟି ଜୁଏଲାରୀ ଡିଜାଇନର । ନିଜ ଯୁବାବସ୍ଥାରେ ଦିନକ ପାଇଁ ଘରୁ ପାଦ କାଢ଼ିନଥିବା ସଙ୍ଗୀତା ଏବେ ନାମୀଦାମୀ ଜୁଏଲାରୀ ଡିଜାଇନର ବନିପାରିଛନ୍ତି । କେବଳ ବଲିଉଡ ତାରକା ନୁହେନ୍ତି, ବିଭିନ୍ନ ଫ୍ୟାସନ ଶୋ'ରେ ମଡେଲମାନେ ତାଙ୍କ ଦ୍ୱାରା ଡିଜାଇନ୍ ହୋଇଥିବା ଅଳଙ୍କାର ପରିଧାନ ଉପରେ ଗୁରୁତ୍ୱ ହେଇଥାଆନ୍ତି । ରାଜସ୍ଥାନର ଏକ ଛୋଟ ଗାଁ ସୁଜାନଗଡ଼ରେ ଜନ୍ମ ହୋଇଥିଲେ ସଙ୍ଗୀତା ବୁଚରା । ଏକ ହିନ୍ଦୀ ମାଧ୍ୟମ ବିଦ୍ୟାଳୟରେ ପାଠ ପଢ଼ିଥିବା ସଙ୍ଗୀତାଙ୍କ ପରିବାର ଆର୍ଥିକ ଭାବେ ସ୍ୱଚ୍ଛଳ ଥିଲେ ମଧ୍ୟ ରକ୍ଷଣଶୀଳ ଥିଲେ । ପାରିବାରିକ ବ୍ୟବସାୟ କାରଣରୁ ସଙ୍ଗୀତାଙ୍କ ପରିବାର ଆସାମର ଗୌହାଟି ଚାଲି ଆସିଥିଲେ । କିନ୍ତୁ ବିବାହ ପରେ ପୁଣି ଥରେ ରାଜସ୍ଥାନର ଜୟପୁର ଫେରିବାକୁ ପଡ଼ିଥିଲା । ସେହି ପରିବାରର ପ୍ରାୟ ଅଧିକାଂଶ ଲୋକ ଇଂଲିଶରେ କଥା ହେଉଥିବାରୁ ସଙ୍ଗୀ ମନେ ମନେ ହୀନମନ୍ୟତା ଭୋଗୁଥିଲେ । ତେବେ ସନ୍ତାନ ଜନ୍ମ ହେବା ପରେ ଧୀରେ ଧୀରେ ସେ ଇଂରାଜୀ ଶିଖିବା ଆରମ୍ଭ କଲେ । ପିଲାଙ୍କୁ ପାଠ ପଢ଼ାଇବା ବେଳେ ନିଜେ ମଧ୍ୟ ଇଂରାଜୀ ଶିଖୁଥିଲେ । ସଙ୍ଗୀତାଙ୍କ ସ୍ୱାମୀ ବର୍ଷକର ଅଧିକାଂଶ ସମୟ ବିଜନେସ୍ ଟୁର୍ ପାଇଁ ବିଦେଶ ଯାଉଥିଲେ । ଫଳରେ ଏକା ହୋଇଯାଉଥିଲେ ସଙ୍ଗୀତା । ଏକା ସମୟରେ କିପରି କାଟିବେ ତାହା ତାଙ୍କୁ ଚିନ୍ତିତ କରିଥିଲା । ଭାବିଥିଲେ ଜୁଏଲୀର ଡିଜାଇନକୁ ପେସା କରିବେ । କିନ୍ତୁ ପ୍ରଥମେ ଏଥିପାଇଁ ପରିବାର ଲୋକଙ୍କ ସମର୍ଥନ ମିଳିନଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କ ଶ୍ୱଶୁର ହିଁ ପ୍ରଥମେ ସଙ୍ଗୀତାଙ୍କର ଏହି ଗୁଣ ବିଷୟରେ ଜାଣି ତାଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହିତ କରିଥିଲେ । ଗୋଟିଏ ପଟେ ସନ୍ତାନମାନଙ୍କ ଦେଖାଶୁଣା କରିବା ଅନ୍ୟ ପଟେ ଜୁଏଲାରୀ ଡିଜାଇନିଂ । ଅନେକ ନିକଟ ସଂପର୍କୀୟ ତାଙ୍କୁ ଏସବୁ ପେସାରୁ ଦୂରରେ ରହିବାକୁ ପରାମର୍ଶ ଦେଇଥିଲେ । କିନ୍ତୁ ନିଜ ନିଷ୍ପତ୍ତିରୁ ଓହରି ନଥିଲେ ସଙ୍ଗୀତା । ଶେଷରେ ତାଙ୍କ ନିଷ୍ପତ୍ତି ହିଁ ତାଙ୍କୁ ସୁଖ୍ୟାତି ଆଣିଦେଲା । ଆଜି ତାଙ୍କ ଦ୍ୱାରା ଡିଜାଇନ ହୋଇଥିବା ଜୁଏଲାରୀ ସେଲିବ୍ରିଟିଙ୍କ ଠାରୁ ସାଧାରଣ ମହିଳା ପିନ୍ଧୁଛନ୍ତି । ଅନେକ ଆଗଧାଡ଼ିର ଅନ୍‌ଲାଇନ୍ ସପିଙ୍ଗ୍ ସାଇଟ୍‌ରେ ତାଙ୍କ ଦ୍ୱାରା ଡିଜାଇନ୍ ହୋଇଥିବା ଜୁଏଲାରୀ ଉପଲବ୍ଧ ।

ଚମତ୍କାରୀ ଶିବ ମନ୍ଦିର

ମହମ୍ମଦ ଗଜନୀର ଆତଙ୍କ କେତେ ଭୟଙ୍କର ଥିଲା ତାହା ଇତିହାସ ପୃଷ୍ଠାରୁ ଜଣାପଡ଼େ । ଲୁଟ୍‌ପାଟ୍ ସହିତ ସେ ହିନ୍ଦୁସ୍ଥାନୀମାନଙ୍କର ଆସ୍ଥାକୁ ମଧ୍ୟ ଧ୍ୱସ୍ତ କରିବାକୁ ଚାହିଁଥିଲା । ୧୭ଥର ଦେଶକୁ ଲୁଣ୍ଠନ କରିଥିବା ଏହି କ୍ରୁର ଆକ୍ରମଣକାରୀ ଅନେକ ମନ୍ଦିରକୁ ମଧ୍ୟ ଭାଙ୍ଗିବାକୁ ଚେଷ୍ଟା କରାଯାଇଥିଲା କିନ୍ତୁ ବହୁତ ଚେଷ୍ଟା ସତ୍ତ୍ୱେ ଏଥିରେ ସ୍ଥାପତି ଶିବଲିଙ୍ଗକୁ ସେ ଭାଙ୍ଗିପାରିନଥିଲେ । ଯେତେବେଳେ ଏହି ଲିଙ୍ଗକୁ ଭାଙ୍ଗିବାକୁ ଅସଫଳ ହେଲା ସେ ଶିବଲିଙ୍ଗ ଉପରେ ଆହ୍ଲାଙ୍କ ନାମରେ କିଛି ଶବ୍ଦ ଲେଖିଦେଇଥିଲେ । ଏହି ମନ୍ଦିର ଗୋରଖପୁରରୁ ୩୦ କି.ମି ଦୂର ସାରୟା ଗ୍ରାମରେ ଅବସ୍ଥିତ । ଏହି ମନ୍ଦିରଟି ହଜାରରୁ ଊର୍ଦ୍ଧ୍ୱ ବର୍ଷର ପୁରୁଣା ମନ୍ଦିର । ଏହି ଚମତ୍କାରୀ ଶିବଲିଙ୍ଗ ଭୂମିରୁ ବାହାରିଛନ୍ତି ବୋଲି ମାନ୍ୟତା ରହିଛି । କିନ୍ତୁ ଶିବଭକ୍ତମାନେ ଏଠାରେ ଆଜି ପର୍ଯ୍ୟନ୍ତ ପୂଜାପାଠ କରୁଛନ୍ତି । ଶ୍ରାବଣମାସରେ ଏହି ମନ୍ଦିରର ମହତ୍ତ୍ୱ ଅଧିକ ବଢ଼ିଯାଏ । ଏହି ଶିବଲିଙ୍ଗକୁ ନୀଳକଣ୍ଠ ମହାଦେବଙ୍କ ନାମରେ ସମସ୍ତେ ଜାଣନ୍ତି ।

ଜଳପାନର ଆବଶ୍ୟକତା

ଦୈନିକ ପ୍ରତ୍ୟେକ ବର୍ଗର ବ୍ୟକ୍ତି ଅତି କମରେ ୭ରୁ ୮ ଗିଲାସ ପାଣି ପିଇବା ଉଚିତ । ଜଳର ଆବଶ୍ୟକତା ଶରୀର ନିମନ୍ତେ ରହିଛି, ଏହା ସମସ୍ତେ ବୁଝିନେବା ଆବଶ୍ୟକ । କାନାଡାର ବିଶେଷଜ୍ଞଗଣ ଏହା ଉପରେ ତଥ୍ୟ ପ୍ରକାଶ କରିଛନ୍ତି ।

♦ନିୟମିତ ଭାବେ ଆବଶ୍ୟକ ପରିମାଣରେ ଜଳ ନପିଇଲେ, ଶରୀରରେ ବିଭିନ୍ନ ଅସୁବିଧା ଉପୁଜିଥାଏ ।

♦ବିଶେଷଜ୍ଞଙ୍କ ପରୀକ୍ଷାରୁ ପ୍ରକାଶିତ ଯେ ଶରୀରରେ ଜଳର ମାତ୍ରା କମ୍ ହେଲେ ରକ୍ତ ଗାଢ଼ ହୋଇଥାଏ । ରକ୍ତସଂଚାଳନ ଶରୀରରେ ଠିକ୍ ଭାବେ ହୁଏ ନାହିଁ । ପାଣି କମ୍ ପିଇଲେ ରକ୍ତଚାପ ବଢ଼େ ।

♦ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିବା ବ୍ୟକ୍ତି ନିୟମିତ ୧୦ ଗିଲାସ ପାଣି ପିଇବା ଉଚିତ୍ ।

♦ନିୟମିତ ଆବଶ୍ୟକ ପରିମାଣରେ ପାଣି ପିଇଲେ ତ୍ୱଚା ସମ୍ବନ୍ଧୀୟ ରୋଗ, ବୃକକ୍ ରୋଗରୁ ମଧ୍ୟ ମୁକ୍ତି ମିଳେ ।

ଘି-କୁଆଁରୀର ଉପକାରିତା

ସପ୍ତାହକୁ ଥରୁଟିଏ ଘି-କୁଆଁରୀ ରସ କେଶମୂଳରେ ଲଗାଇଲେ ଘନତ୍ୱ ବଢ଼ିବା ସହ କଳା ହୋଇଥାଏ । ୧କପ୍ ମେହେନ୍ଦୀ ପାଉଡରରେ ୩ ଚାମଚ ଘି-କୁଆଁରୀ ରସ ମିଶ୍ରଣ କରି କେଶରେ ଲଗାନ୍ତୁ ଓ୍ୱାସକୁ ଥରୁଟିଏ ଏହି ପ୍ୟାକ୍ କେଶରେ ଲଗାଇବା କେଶ ପାଇଁ ଭଲ । ନିୟମିତ ଭାବେ ତ୍ୱଚାରେ ଘି- କୁଆଁରୀ ରସ ଲଗାଇଲେ ତ୍ୱଚାରେ ବିଶେଷ ଚମକ ଆସିଥାଏ । ବ୍ରଣ ଦାଗ ମଧ୍ୟ ଦୂର ହୁଏ । କୋଷ୍ଠକାଠିନ୍ୟ ରୋଗୀ ପ୍ରତିଦିନ ସକାଳ-ସନ୍ଧ୍ୟାରେ ଅଧ କପ ଘି-କୁଆଁରୀ ରସରେ ଚିମୁଟାଏ କଳା ଲୁଣ ମିଶାଇ ପିଇଲେ ସେମାନଙ୍କ ଅସୁବିଧା ଦୂର ହୋଇଥାଏ ।



ଅଧିକ ବ୍ୟାୟାମ ବିପଦ

ବ୍ୟାୟାମ ଯୋଗୁ ଆମର ଅନେକ ଉପକାର ହୋଇଥାଏ । ହୃଦୟ ସ୍ଥିତିରେ ଉନ୍ନତି, ସୁନିଦ୍ରା, ଶାରୀରିକ ଶକ୍ତି ବୃଦ୍ଧି ଆତ୍ମବିଶ୍ୱାସରେ ବୃଦ୍ଧି ହେବା ଇତ୍ୟାଦିର ଲାଭ ଆମକୁ ବ୍ୟାୟାମରୁ ହିଁ ମିଳିଥାଏ । ଆଇବିଏଫ୍ ଏକ୍ସପର୍ଟ ଡ଼ ପାର୍ଥ କୋଶୀଙ୍କ ଅନୁସାରେ ବ୍ୟାୟାମ ଦ୍ୱାରା ମଧ୍ୟ କିଛି ନକରାତ୍ମକ ପରିସ୍ଥିତି ସୃଷ୍ଟି ହୁଏ, ଯାହା ପ୍ରତି କମ୍ ଲୋକଙ୍କ ଦୃଷ୍ଟି ଯାଇଥାଏ । ଯେପରି ଅଧିକ ବ୍ୟାୟାମ ବନ୍ଧ୍ୟାପଣର କାରଣ ମଧ୍ୟ ହୋଇପାରେ । ତେଣୁ ଏହି ଉର୍ବରାତ ବା ଫର୍ଟିଲିଟିର ହ୍ରାସ ପୁରୁଷ ବା ସ୍ତ୍ରୀମାନଙ୍କ ମଧ୍ୟରେ ଦେଖାଯାଇଥାଏ । ଏହାକୁ ଏମେନୋରିୟା ବା ରଜୋରୋଧ କୁହାଯାଏ । ଏହି ସ୍ଥିତିକୁ ସାମ୍ନା କରିବାକୁ ପଡ଼େ ଯେତେବେଳେ ମହିଳାମାନଙ୍କୁ ୩ ମାସ ପର୍ଯ୍ୟନ୍ତ ପିରିୟଡ୍‌ସ ଆସେନାହିଁ । ମହିଳାମାନଙ୍କର ଏପରି ସ୍ଥିତି ହେବାର କାରଣ ସେମାନେ ଶରୀରର ଆବଶ୍ୟକତା ଅନୁଯାୟୀ ଜରୁରୀ କ୍ୟାଲୋରୀ ଥିବା ଖାଦ୍ୟ ଖାଆନ୍ତି ନାହିଁ ଓ ନିୟମିତ ବ୍ୟାୟାମ କରନ୍ତି । ଶରୀରରେ କ୍ୟାଲୋରୀର ଅଭାବ ସିଧା ଉର୍ବତରା ଉପରେ ପଡ଼ିଥାଏ ତା ନୁହେଁ । ଯୌନ ଇଚ୍ଛା ଉପରେ ମଧ୍ୟ ଏହାର ପ୍ରଭାବ ପଡ଼େ । ଏହାବ୍ୟତି ଅତ୍ୟଧିକ ସ୍ୱାସ୍ଥ୍ୟ ଯୋଗୁଁ ଶରୀରରେ ଏଷ୍ଟ୍ରୋଜେନ୍ ହର୍ମୋନର ଉତ୍ପନ୍ନ ବୃଦ୍ଧି ପାଇଥାଏ, ଯାହାଦ୍ୱାରା ସ୍ତ୍ରୀର ପ୍ରଜନନ ପ୍ରଣାଳୀ ସହିତ ସଂଯୋଗ ଅଣ୍ଡା ଉତ୍ସର୍ଜନ ଓ ପିରିୟଡ୍‌ସ ଉପରେ ପ୍ରଭାବ ପଡ଼ିବା ଦ୍ୱାରା ବନ୍ଧ୍ୟାପଣର ବିପଦ ବଢ଼ିଯାଏ । ଏଷ୍ଟ୍ରୋଜନ୍ ସ୍ତରରେ ଅଧିକ ପରିବର୍ତ୍ତନ ହେବା କାରଣରୁ ମଧ୍ୟ ଗର୍ଭଧାରଣ କରିବାରେ ସମସ୍ୟା ଦେଖାଦେଇଥାଏ । ପୁରୁଷମାନଙ୍କ ମଧ୍ୟରେ ହେଭି ଟ୍ରେନିଂ ନେବା ସମୟରେ ଶରୀରରେ ଶୁକ୍ରାଣୁ ବା ସ୍ପର୍ମ ସଂଖ୍ୟାରେ ହ୍ରାସ ପାଇଥାଏ । ଅଧିକ ସମୟ ବ୍ୟାୟାମ କରିବା ଯୋଗୁ ନା କେବଳ ସ୍ପର୍ମର ସଂଖ୍ୟାରେ ହ୍ରାସ ପାଏ ତାହା ନୁହେଁ ରିପ୍ରଡକ୍ସନର କ୍ଷମତା ମଧ୍ୟ ହ୍ରାସ ପାଇଥାଏ ।



ସୁସ୍ଥ ତଥା ଉତ୍ତମ ତ୍ୱଚା ନିମନ୍ତେ



ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଯେ ନିୟମିତ ଭାବେ ତ୍ୱଚାକୁ କ୍ଲିନଜରରେ ପୋଛନ୍ତୁ । ଘରୋଇ ଭାବେ ମଧ୍ୟ ଏହାର ଉପଚାର କରିହେବ । ଯେପରି କଞ୍ଚା ଖୁର ଓ ଦହି ସହାୟତାରେ ମଧ୍ୟ ତ୍ୱଚାକୁ ପରିଷ୍କାର କରିହେବ ।

♦ ତ୍ୱଚାରେ ସକାଳ କିମ୍ବା ସନ୍ଧ୍ୟାରେ ଏକ ପ୍ୟାକ୍ ଲଗାଇବା ଉପକାରୀ । ପ୍ୟାକରେ ଅଲିଭ ତେଲ ନଚେତ ମହୁ ଅଳ୍ପ ପରିମାଣର ଉପଯୋଗ କରନ୍ତୁ । ଏହା ତ୍ୱଚାକୁ କୋମଳ କରିଥାଏ ।

♦ ଏସବୁ ବାଦ ଆବଶ୍ୟକ ପରିମାଣରେ ପାଣି ପିଇବା ତ୍ୱଚା ପାଇଁ ଏକ ଉତ୍ତମ ଖୋରାକ । ସପ୍ତାହକୁ ୩-୪ ଥର ଅନ୍ତତଃ ପଇଡ଼ ପାଣି ପିଇବାର ଅଭ୍ୟାସ କରନ୍ତୁ ।

♦ ବ୍ରଣ କିମ୍ବା ଦାଗର ପ୍ରଥମେ ଘରୋଇ ଉପଚାର କରନ୍ତୁ । ଏହା କାମ ନ କଲେ ପରେ ଡାକ୍ତରଙ୍କ ପରାମର୍ଶରେ ଔଷଧ ଲଗାନ୍ତୁ ।

ବାହାରୁ ଆସିବାର କିଛି କ୍ଷଣ ପରେ ତ୍ୱଚାରେ ଥଣ୍ଡା ପାଣି ଛିଟା ମାରିବାର ଅଭ୍ୟାସ କରିବା ଉଚିତ । ଏହା ତ୍ୱଚାକୁ ସତେଜତା ପ୍ରଦାନ କରେ ।

ବାଇଗଣ ପରିବାର ଉପକାରିତା

ନିକଟରେ ଆମେରିକୀୟ ଗବେଷକଗଣ ପ୍ରକାଶ କରିଛନ୍ତି, ଦୈନିକ ବାଇଗଣ ଖାଇବା ଶରୀର ପାଇଁ ଭଲ ।

- ବାଇଗଣ ଭର୍ତ୍ତାରେ ଛୋଟ ଚାମଚରେ ଏକ ଚାମଚ ମହୁ ମିଶାଇ ଖାଇଲେ ନିଦ ଭଲ ହୋଇଥାଏ । ରାତିରେ ଏହା ଖାଇବା ଅଧିକ ଲାଭପ୍ରଦ ।
- ବାଇଗଣ ସୁପରେ ହେଙ୍ଗୁ ଓ ରସୁଣ ସମପରିମାଣରେ ମିଶାଇ ପିଇଲେ ଅମ୍ଳ ରୋଗରୁ ରକ୍ଷା ମିଳେ । ଆଫ୍ରିକୀୟ ଆଦିବାସୀଙ୍କ ମତରେ ବାଇଗଣ ପୋଡ଼ାକୁ ଗୋଟା ଖାଇଲେ କାଶ ସମସ୍ୟାରୁ ମୁକ୍ତି ମିଳେ ।
- ସକାଳ ଜଳଖିଆରେ ବାଇଗଣ ଭର୍ତ୍ତାରେ ଅଳ୍ପ ଚିନି ମିଶାଇ ଖାଇଲେ ରକ୍ତ ଜନିତ ରୋଗର ଆଶଙ୍କା କମ ହୁଏ ।
- ଗବେଷକଙ୍କ ମତରେ, ବିଷାକ୍ତ ଛତୁ ଖାଇଦେଲେ, ଗୋଟା ବାଇଗଣକୁ ଚକଟି ତୁରନ୍ତ ଖାଇଲେ ବିଷ କ୍ରିୟା ପ୍ରଭାବହିନ ହୋଇଥାଏ ।
- ଏଥିରେ ଖାଦ୍ୟତନ୍ତୁ ପ୍ରଚୁର ପରିମାଣରେ ଥାଏ । ଟାଇପ-୨ ମଧୁମେହ ରୋଗୀ ଏହାକୁ ନିୟମିତ ଖାଇଲେ ଶର୍କରା ନିୟନ୍ତ୍ରଣାଧୀନ ହୁଏ । ହୃଦରୋଗୀଙ୍କ ପାଇଁ ଏହା ଏକ ଉତ୍ତମ ପରିବା ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଅସ୍ଥିରତାର ଅବସାନ କେବେ ?

ତାଲିବାନ ଅକ୍ତିଆରରେ ଥିବା ଆଫଗାନିସ୍ତାନରେ ଏବେ ଘଡ଼ିକେ ଘୋଡ଼ା ଛୁଟୁଛି ଏବଂ ସେଠରେ ପ୍ରତି ମୁହୂର୍ତ୍ତରେ ଆକସ୍ମିକ ପରିବର୍ତ୍ତନ ଘଟିଚାଲିଛି। ଆଫଗାନିସ୍ତାନ ପରିସ୍ଥିତିକୁ ନେଇ ସମଗ୍ର ବିଶ୍ୱ ଚିନ୍ତିତ ହୋଇପଡ଼ିଥିବାବେଳେ ତାଲିବାନ ଉଗ୍ରବାଦୀମାନେ ସେମାନଙ୍କର ହିଂସାକାଣ୍ଡ ଓ ଅତ୍ୟାଚାର ଜାରି ରଖିଛନ୍ତି। ତେଣୁ ସେ ଦେଶର ରାଜନୈତିକ ଅବା ସାମାଜିକ ସ୍ଥିତି ଭବିଷ୍ୟତରେ କି ମୋଡ଼ ନେବାକୁ ଯାଉଛି ତାହା ଏବେ ଅନୁମାନ କରିବା ଅସମ୍ଭବ। ଏଭଳି ସ୍ଥିତିରେ ଭାରତ ସମେତ ଅନ୍ୟାନ୍ୟ ରାଷ୍ଟ୍ରମାନେ ସେ ଦେଶରେ ଥିବା ନିଜ ନିଜର ନାଗରିକମାନଙ୍କୁ ସେଠାରେ ନିରାପଦରେ ଫେରାଇ ଆଣିବା କାର୍ଯ୍ୟରେ ଅହୋରାତ୍ର ଲାଗି ପଡ଼ିଛନ୍ତି। ଭାରତ ଏ ପର୍ଯ୍ୟନ୍ତ ଆଫଗାନରେ ଥିବା ନିଜର ପ୍ରାୟ ପାଂଚଶହରୁ ଊର୍ଦ୍ଧ୍ୱ ନାଗରିକଙ୍କୁ ସ୍ୱଦେଶ ଲେଉଟାଇ ଆଣିବାରେ ସକ୍ଷମ ହୋଇଛି। ଏଥିପାଇଁ ଭାରତୀୟ ବାୟୁସେନାର ବିଶାଳକାୟ ପରିବହନ ବିମାନ ସମେତ ଏୟାର ଇଣ୍ଡିଆ ବିମାନକୁ କାର୍ଯ୍ୟରେ ଲଗାଯାଇଛି। ଶନିବାର ଓ ରବିବାର ଦିନ ପ୍ରାୟ ଚାରିଶହରୁ ଅଧିକ ନାଗରିକ ଭାରତ ଫେରିଛନ୍ତି। ସେମାନଙ୍କ ମଧ୍ୟରେ ଅନେକ ଆଫଗାନ ଶିଖ ଏବଂ ହିନ୍ଦୁ ନାଗରିକ ଏବଂ ମହିଳା ଓ ଶିଶୁ ସାମିଲ। ଏପରିକି ଆଫଗାନିସ୍ତାନର ଜନୈକ ଶିଖ୍ ସାଂସଦ ନରେନ୍ଦ୍ର ସିଂହ ଖାଲସା ନିଜର ଜୀବନ ବଂଚାଇ ଭାରତ ପ୍ରତ୍ୟାବର୍ତ୍ତନ କରିବା ପରେ ନିଜର ପ୍ରାରମ୍ଭିକ ପ୍ରତିକ୍ରିୟାରେ କହିଛନ୍ତି ଯେ, ଆଫଗାନିସ୍ତାନରେ ସବୁକିଛି ଶେଷ ହୋଇଯାଇଛି। ଗତ କୋଡ଼ିଏ ବର୍ଷର ସମସ୍ତ ବିକାଶ ଯୋଜନା ମାତ୍ର କେଇଟା ଦିନରେ ସମାପ୍ତ ହୋଇଛି। ସୌଭାଗ୍ୟର କଥା, ଏ ପର୍ଯ୍ୟନ୍ତ କାବୁଲସ୍ଥିତ ହମିଦ କାର୍ଜାଇ ଆନ୍ତର୍ଜାତିକ ବିମାନ ବନ୍ଦରକୁ ଆମେରିକା ଓ ମାର୍କିନ ସେନା ନିଜ ନିୟନ୍ତ୍ରଣରେ ରଖିଛନ୍ତି। ସେହି ବିମାନ ବନ୍ଦର ଦେଇ ସେମାନେ ନିଜର ସେନା ଓ ସାମରିକ ସରଂଜାମ ଫେରାଇ ନେଉଛନ୍ତି। ତେବେ ନିଜର ଅସହାୟ ନାଗରିକମାନଙ୍କୁ ଫେରାଇ ନେବାଲାଗି ସେମାନେ ଭାରତକୁ ପ୍ରତିଦିନ କାବୁଲକୁ ଦୁଇଟି ବିମାନ ଚାଳନା ସକାଶେ ଅନୁମତି ପ୍ରଦାନ କରିଛନ୍ତି। ଏହା ଫଳରେ ଭାରତ ପାଇଁ ଏବେ ସେଠାରୁ ନିଜର ନାଗରିକଙ୍କୁ ଲେଉଟାଇ ଆଣିବା ସହଜସାଧ୍ୟ ହୋଇଛି। ତେବେ କାବୁଲ ବିମାନ ବନ୍ଦର ପର୍ଯ୍ୟନ୍ତ ପହଂଚିବା ସକାଶେ ଭାରତୀୟ ନାଗରିକ ଅବା ସେଠାକାର ଶିଖ୍ ଓ ହିନ୍ଦୁମାନଙ୍କୁ ତାଲିବାନ ଉଗ୍ରବାଦୀଙ୍କଠାରୁ ନାନା ପ୍ରକାର ନିର୍ଯାତନାର ଶିକାର ହେବାକୁ ପଡୁଛି। ଏହା ସାଙ୍ଗକୁ ଭାରତ-ପାକିସ୍ତାନ ଆକାଶସୀମାକୁ ବାଦ୍ ଦେଇ ଦୁଶାମ୍ଭେ ଏବଂ କତାର ଦେଇ ନିଜର ନାଗରିକଙ୍କୁ ସ୍ଥାନାନ୍ତରିତ କରୁଛି। କାରଣ, ପାକିସ୍ତାନ ସରକାର ଭାରତକୁ ଏଭଳି କାର୍ଯ୍ୟରେ ସହଯୋଗ କରିବାକୁ ଆଗେଇ ଆସିନାହାଁନ୍ତି।

ଏଭଳି ସ୍ଥିତିରେ ଆଫଗାନିସ୍ତାନରେ ତାଲିବାନ ଗୋଷ୍ଠୀ ନିଜକୁ କ୍ଷମତା କୁର୍ସିରେ ପ୍ରତିଷ୍ଠିତ କରିବା ନିମନ୍ତେ ପ୍ରୟାସ ଚଳାଇଛି। କିନ୍ତୁ ଦେଶର ୩୪ଟି କ୍ଷେତ୍ରଙ୍କ ସହ ଏ ପର୍ଯ୍ୟନ୍ତ ସେମାନଙ୍କର କୌଣସି ସହମତି ଘଟିନାହିଁ। ଅନ୍ୟଥା ସେମାନଙ୍କୁ କ୍ଷମତା ଅକ୍ତିଆର କରିବା ଯେତିକି ସହଜ ମନେ ହେଉଛି, ସେଠାରେ ତିଷ୍ଠି ରହିବା ସେତିକି କଷ୍ଟକର ବୋଲି ପ୍ରତୀୟମାନ ହେବ। ଏପରିକି ପଂଜସିର ସମେତ କେତୋଟି କ୍ଷେତ୍ରର ସଶସ୍ତ୍ର ଗୋଷ୍ଠୀ ତାଲିବାନ ବିରୋଧରେ ଅସ୍ତ୍ର ଉଠାଇ ନିଜ ନିଜ କ୍ଷେତ୍ରକୁ ପୁନଃ ଅକ୍ତିଆର କରିନେଇଛନ୍ତି। ହୁଏତ ଏଭଳି ଅବସ୍ଥା ଅନ୍ୟ ପ୍ରାନ୍ତକୁ ବ୍ୟାପିପାରେ। ଅନ୍ତଃରାଷ୍ଟ୍ରୀୟ ସହଯୋଗ ବିନା ତାଲିବାନ ଗୋଷ୍ଠୀ କ୍ଷମତାରେ ନିଜକୁ ଅଭିଷିକ୍ତ କରିବାରେ କେତେଦୂର ସକ୍ଷମ ହେବେ ତାହା ଲକ୍ଷ୍ୟ କରିବା କଥା। ତାଲିବାନଙ୍କୁ ସମର୍ଥନ କରିବା ନିମେନ୍ତ ପାକିସ୍ତାନର କାର୍ଯ୍ୟପନ୍ଥା ଉପରେ ଅନ୍ତଃରାଷ୍ଟ୍ରୀୟ ସମୁଦାୟ ତୀକ୍ଷଣ ନଜର ରଖିଛନ୍ତି। ଏପରିକି ଚୀନ୍ ଏବଂ ରୁଷିଆଙ୍କ ଭୂମିକା କଣ ତାହାକୁ ନେଇ ମଧ୍ୟ ବିଶ୍ୱ ମାନସିକତା ସ୍ପଷ୍ଟ ନୁହେଁ। ଆଫଗାନିସ୍ତାନରୁ ଆମେରିକା ଓ ମିଳିତ ସେନାଙ୍କ ପ୍ରତ୍ୟାହାର ଓ ତାଲିବାନଙ୍କ ପ୍ରତ୍ୟାବର୍ତ୍ତନ ସେ ଦେଶକୁ ସମୟର ଏକ ଜଟିଳ ମୋଡ଼ରେ ଆଣି ଠିଆ କରାଇ ଦେଇଛି।

ବିଦ୍ୟୁତ୍ ବିଜ୍ଞାନର ଜନକ-ଫାରାଡ଼େ

ଅକ୍ଷୟ କୁମାର ରାଉତ

ସଦସ୍ୟ ଓଡ଼ିଶା ସାହିତ୍ୟ ଏକାଡ଼େମି
ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

ସୂର୍ଯ୍ୟୋଦୟ ଭଳି ବିଜ୍ଞାନର ଅଭ୍ୟୁଦୟ ଫଳରେ ମନୁଷ୍ୟସମାଜରୁ ସେହି ସମସ୍ତ ଅଜ୍ଞତା, ଅନ୍ଧ ବିଶ୍ୱାସ,ଅନ୍ଧ ଚାର, କୁସଂସ୍କାର ଓ ଅନ୍ଧକାର କାହିଁ ଅନ୍ତର୍ଦ୍ଧାନ ହୋଇଯାଇଅଛି। ବିଜ୍ଞାନର ଲକ୍ଷ୍ୟ ହେଲା ସତ୍ୟର ଅନୁସନ୍ଧାନ ଓ ସତ୍ୟର ପ୍ରତିଷ୍ଠା ଏବଂ ପ୍ରକୃତି ଜଗତର ସମସ୍ତ ରହସ୍ୟର ବାସ୍ତବ ଉଦ୍‌ଘାଟନ ତଥା ସମସ୍ତ ଇନ୍ଦ୍ରିୟଲବଧ ଅଭିଜ୍ଞତା ଗୁଡ଼ିକ ମଧ୍ୟରେ ତିଷ୍ଠି ରହିଥିବା ସୁନିୟନ୍ତ୍ରିତ ସମ୍ବନ୍ଧସୂତ୍ରର ଆବିଷ୍କରଣ। ବିଜ୍ଞାନର ଆବିଷ୍କାର ଓ ଉଦ୍ଭାବନ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ଜୀବ ଜଗତର ହିତ ନିମନ୍ତେ ଉପଲବ୍ଧ ହୋଇଥାଏ। ବିଦ୍ୟୁତ୍ ପ୍ରଯୁକ୍ତିବିଦ୍ୟାର ବିକାଶ ପାଇଁ ଯେଉଁ ମହାନ୍ ପୁରୁଷଙ୍କୁ ଆମେ ବିଦ୍ୟୁତ୍ ବିଜ୍ଞାନର ଜନକ କହୁଅଛେ, ସେ ହେଉଛନ୍ତି ମାଇକେଲ ଫାରେଡ଼େ।

ମାଇକେଲ ଫାରେଡ଼େ ୧୭୯୧ମସିହା ସେପ୍ଟେମ୍ବର ମାସ ୨୨ ତାରିଖ ଦିନ ଲଣ୍ଡନର ଏକ ଗରିବ କମାର ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ହେଉଛି ଜେମ୍‌ସ ଫାରାଡ଼େ ଓ ମାତାଙ୍କ ନାମ ମାର୍ଗାରେଟ୍ ହାଷ୍ଟୱେଲ୍ ଚାରୋଟି ସନ୍ତାନ ମଧ୍ୟରେ ମାଇକେଲ ଫାରାଡ଼େ ହୋଇଛନ୍ତି ତୃତୀୟ ସନ୍ତାନ। ସ୍ଥାନୀୟ ବିଦ୍ୟାଳୟରେମାଇକେଲେ ପ୍ରାଥମିକ ସ୍ତରରେ ଲେଖିବା, ପଢିବା ଓ କିଛି ପାଟୀଗଣିତ ଶିକ୍ଷା କରିଥିଲେ।ଦାରିଦ୍ରତା ତାଙ୍କୁ ୧୩ବର୍ଷ ବୟସରେଙ୍କ ପାଠ ପଢାରେ ଡ଼ୋରବାନ୍ଧୀ ଦେଇଥିଲା। ତେଣୁ ସେ ଜର୍ଜ ରିବିୟାନ୍‌ଙ୍କ ବହି ଦୋକାନରେ ଚାକିରି ଜୀବନ ଆରମ୍ଭ କଲେ। ଫାରାଡ଼େଙ୍କ କାମ ଥିଲା ସେ ଗୋଟିଏ ଗ୍ରାହକ ପାଖରୁ ଖବର କାଗଜ ନେଇ ଅନ୍ୟ ଜଣେ ଗ୍ରାହାକଙ୍କୁ ଦେବେ। ମାଲିକ ରିବିୟାନ୍ ବର୍ଷକ ପରେ ତାଙ୍କ କାମରେ ଖୁସି ହୋଇ ବହି ବନ୍ଧା କାମ ଶିକ୍ଷା ଦେଲେ। ଦାରିଦ୍ର ଯୋଗୁଁ ଫାରାଡ଼େ ଅଧିକ ଶିକ୍ଷା ଗ୍ରହଣ କରିପାରିନଥିଲେ, କିନ୍ତୁ ସେ ବହି ବନ୍ଧେଇ କରିବା ପୂର୍ବରୁ ସେ ସେହି ବହିଗୁଡ଼ିକୁ



ପଢୁଥିଲେ। ମାର୍ସେଫ୍‌ଙ୍କରଚିତ ରସାୟନ ବିଜ୍ଞାନ ପୁସ୍ତକ ଓ ଏନସାଇ କ୍ଲୋପିଡ଼ିଆ ବ୍ରିଟାନିକା ଏହି ଦୁଇଟି ପୁସ୍ତକ ତାଙ୍କୁ ପ୍ରଭାବିତ କରିଥିଲା। ଫାରାଡ଼େଙ୍କୁ ମାଲିକ୍ ରିବିୟାନ ବହି ପଢିବା ପାଇଁ ଉତ୍ସାହିତ କରୁଥିଲେ। ବହି ପଢା ପ୍ରତି ଏତେ ନିଷ୍ଠା ଯୋଗୁ ସେ ଇଣ୍ଟ୍ରୁ ଡ଼କ୍‌ସନଟୁ କେମେଷ୍ଟ୍ରି ର ୪ଟି ଯାକ ପୁସ୍ତକ କିଣିଲେ। ଏଥିରୁ ସେ ନିଜର ମତାମତ ଓ ବିବରଣୀକୁ ସଂଗଠିତ କରି ଦି ଫିଲୋସଫିକ୍ ମିସେଲାନୀ ନାମରେ ଏକ ପୁସ୍ତକ ଲେଖିଥିଲେ।ପିତାଙ୍କ ମୃତ୍ୟୁ ପରେ ଫାରାଡ଼େ ଭାଇ ରବଟଙ୍କ ଠାରୁ ପଇସା ନେଇ ସିଟି ଫିଲୋସୋଫିକାଲ ସୋସାଇଟି ଦ୍ୱାରା ଆୟୋଜନ ହେଉଥିବା ବିଜ୍ଞାନ ଆଲୋଚନାରେ ଏକ ଶିଲିଙ୍ଗ ଦେଇ ଟିକେଟ ନେଇ ଶୁଣିବାକୁ ଯାଉଥିଲେ। ତାଙ୍କର ବନ୍ଧୁ ବୋମିନ୍ ଆବଟ୍ ଓ ଏଡ୍‌ୱାର୍ଡ଼ ମାଗ୍ରାଥ୍‌ଙ୍କ ସାହାଯ୍ୟରେ ଆଲୋଚନାରେ ଭାଗନେବାକୁ ପ୍ରସ୍ତୁତ କରିପାରିଥିଲେ।

ବିଜ୍ଞାନର ପ୍ରଚାର ଓ ପ୍ରସାର ପାଇଁ ୧୭୯୯ ମସିହାରେ ରୟାଲ୍ ଇନଷ୍ଟିଚ୍ୟୁସନ୍ ଲଣ୍ଡନରେ ସ୍ଥାପିତ ହେଲା ଲାଫିଙ୍ଗ ଗ୍ୟାସ୍ ପ୍ରସ୍ତୁତ କର୍ତ୍ତା ସାର୍ ହମ୍ରିଡ଼ାଭେ ୧୮୦୨ ମସିହାରେ ମାତ୍ର ୨୪ବର୍ଷ ବୟସରେ ରୟାଲ୍ ଇନ୍‌ଷ୍ଟିଚ୍ୟୁରେ ପ୍ରଫେସର ପଦରେ ଯୋଗଦେଲେ। ମାଇକେଲ ଫାରାଡ଼େ ଏକ ଚିଠି ସହିତ ପ୍ରସ୍ତୁତ କରିଥିବା ଡାଭେଙ୍କ ଭାଷଣର ସାରାଂଶର ନକଲ ଡ଼ାଭେକ ନିକଟକୁ ପଠାଇଲେ। ଫାରାଡ଼େଙ୍କ ବିଜ୍ଞାନପ୍ରତି ଆଗ୍ରହ, ତୀକ୍ଷ୍ଣ ସ୍ମୃତି ଶକ୍ତି ଅତିଶୟ ପ୍ରଶଂସା କରିଥିଲେ ଡ଼ାଭେ। ୧୮୧୩ ମସିହାରେ ଫାରାଡ଼େ ରୟାଲ ଇନିଷ୍ଟିଚ୍ୟୁରେ ଗୋଟିଏ ପରୀକ୍ଷାଗାର ସହାୟକ ପଦରେ ନିଯୁକ୍ତି ହେଲେ। ଦରମା ଥିଲା ମାସକୁ ୨୫ ଶିଲିଙ୍ଗ୍ ଫାରାଡ଼େ ନିରନ୍ତର ଡ଼ାଭେଙ୍କ ପାଖରେ ରହି ସମସ୍ତ ପରୀକ୍ଷା ଦେଖୁଥିଲେ ଏବଂ ଏହାର ସିଦ୍ଧାନ୍ତକୁ ନିଜେ ବିଶ୍ଳେଷଣ କରୁଥିଲେ। ଡ଼ାଭେ ସସ୍ତ୍ରୀକ ୟୁରୋପ ଭ୍ରମଣରେ ବାହାରିଥିଲେ। ସେ ଫାରାଡ଼େଙ୍କୁ ସହାୟକ ଭାବେ ନେବାକୁ ସ୍ଥିର କଲେ। ଫାରାଡ଼େ ଚାକିରିରୁ ଇସ୍ତଫା ଦେବେ ଓ ଫେରିବାପରେ ଫାରାଡ଼େ ପୁନଶ୍ଚ ଚାକିରି ଦେବା ପାଇଁ ଡ଼ାଭେ ପ୍ରତିଶ୍ରୁତି ଦେଲେ। ଡ଼ାଭେଙ୍କ ସ୍ତ୍ରୀ ଜେନ୍ ଡ଼ାଭେଙ୍କ ପରିଚାରିକା ନଯିବାରୁ ଫାରାଡ଼େ ପରିଚାରିକା କାର୍ଯ୍ୟ ମଧ୍ୟ କରିବାକୁ ରାଜି ହେଲେ। ଏହି ଭ୍ରମଣ ସମୟରେ ଫାରାଡ଼େ ବିଦେଶୀ ବୈଜ୍ଞାନିକ ମାନଙ୍କୁ ଭେଟୁଥିଲେ ଓ ବୈଜ୍ଞାନିକ ପରୀକ୍ଷାରେ ଅଂଶ ଗ୍ରହଣ କରୁଥିଲେ,

ଡ଼ାଭେ ଫାରାଡ଼େଙ୍କୁ ଜଣେ ସହଯୋଗୀ ଭାବେ ଉପସ୍ଥାପିତ କରୁଥିଲେ। ଫାରାଡ଼େ ଭ୍ରମଣ ସମୟରେ ଫରାସୀ ଭାଷା ଶିକ୍ଷା କରିଥିଲେ। ସେ ଡ଼ାଭେଙ୍କ ସହଯୋଗୀଭାବେ ପ୍ରକୃତ ବିଜ୍ଞାନ କାର୍ଯ୍ୟ କରିଥିଲେ, ଫଳରେ ନିଜକୁ ସେ ଜଣେ ବୈଜ୍ଞାନିକ ଭାବେ ଭବିଷ୍ୟତରେ ପ୍ରତିପାଦିତ କରିପାରିଥିଲେ। ଭ୍ରମଣରୁ ଫେରିବା ପରେ ଫାରାଡ଼େ ଉପକରଣ ସୁପରିଣ୍ଟେଣ୍ଡେଣ୍ଟ ଭାବେ ନିଯୁକ୍ତି ପାଇ ସପ୍ତାହକୁ ୩୦ ଶିଲିଙ୍ଗ୍ ଦରମା ପାଇଲେ। ରୟାଲ ଇନ୍‌ଷ୍ଟିଚ୍ୟୁସନ୍‌ରେ କାମ କରିବା ସମୟରେ ନିଜର ଚେଷ୍ଟା,କଠିନ ପରିଶ୍ରମ ଓ ଅଧ୍ୟବସାୟ ଯୋଗୁ ସେ ଜଣେ ବିଶିଷ୍ଟ ବୈଜ୍ଞାନିକ ହୋଇପାରିଥିଲେ। ୧୮୧୬ ମସିହାରେ କଷ୍ଟିକ୍ ସୋଡ଼ା ଉପରେ ଏକ ନିବନ୍ଧ ବିଜ୍ଞାନ ପତ୍ରିକାରେ ପ୍ରକାଶ କରିଥିଲେ। ୧୮୨୦ ମସିହା ସୁଦ୍ଧା ସେ ୩୭ଟି ମୌଳିକ ଗଭେଷଣାତ୍ମକ ନିବନ୍ଧ ପ୍ରକାଶ କରି ନିଜର ବୈଜ୍ଞାନିକ ଆତ୍ମବିଶ୍ୱାସ କୁ ପ୍ରମାଣିତ କରିଥିଲେ। ୧୮୧୬ମସିହା ଜାନୁଆରୀ ମାସ ୧୭ତାରିଖରେ ଫିଲୋସୋଫିକାଲ ସୋସାଇଟିରେ ପ୍ରଥମ ସାରଗର୍ଭକ ବକ୍ତୃତା ଦେଇ ଦେଶରେ ପ୍ରସିଦ୍ଧି ଲାଭ କଲେ। ୧୮୨୧ ମସିହା ଜୁନ ମାସ ୧୨ ତାରିଖ ଦିନ ଫାରାଡ଼େଙ୍କ ବିବାହ ସାରାହ ବର୍ଣ୍ଣଡ଼ ସହିତ ହୋଇଥିଲା। ସୁଖପୂର୍ଣ୍ଣ ଦାମ୍ପତ୍ୟ ଜୀବନରେ ତାଙ୍କର ସନ୍ତାନ ନଥିଲେ। ସେ ପୁତୁରା ଓ ଝିଆରୀମାନଙ୍କୁ ନିଜପିଲା ଭଳି ଦେଖୁଥିଲେ। ୧୮୨୫ ମସିହାରେ ବେନକୁ ଆବିଷ୍କାର କରି ତାହାକୁ ତନ୍ନ ତନ୍ନ କରି ବିଶ୍ଳେଷଣ କରିଥିଲେ।

୧୮୨୩ ମସିହା ମେ ମାସରେ ବୈଜ୍ଞାନିକମାନେ ରୟାଲ ସୋସାଇଟିର ସଭ୍ୟ ପାଇଁ ମାଇକେଲ ଫାରାଡ଼େଙ୍କ ନାମ ସୁପାରିସ କଲେ। ୧୮୨୩ ମସିହା ଡ଼ିସେମ୍ବରରେ ଫାରାଡ଼େ ଗୋଟିଏ ବିଦ୍ୟୁତ୍ ବାହୀ ତାରର ଗୁଣ ଚୁମ୍ବକର ଗୁଣ ସହ ସମାନ ରହୁଛି, ଏହାକୁ ଯଦି ମୁକ୍ତ ଭାବରେ ଝୁଲାଇ ରଖିବା, ଏହା ଉତର ଓ ଦକ୍ଷିଣ ଦିଗକୁ ମୁହଁ କରି ରହିବ, ତାଙ୍କର ସାଧନା ପରିଶ୍ରମ ଓ ଅଧ୍ୟବସାୟ ଯୋଗୁ ସେ ୩୩ ବର୍ଷ ବୟସରେ ୧୮୨୫ ମସିହା ଫେବୃଆରୀ ୭ ତାରିଖରେ ରୟାଲ୍ ଇନ୍‌ଷ୍ଟିଚ୍ୟୁସନ୍‌ରେ ନିର୍ଦ୍ଦେଶକ ପଦରେ ଯୋଗ ଦେଇଥିଲେ। ୧୮୨୫ ରୁ ୧୮୬୨ ମଧ୍ୟରେ ସେ ଏକଶହରୁ ଅଧିକ ବକ୍ତୃତା ଦେଇଥିଲେ। ଶିଳ୍ପ ଅନିଷ୍ଠାନକୁ ଦେଉଥିବା ପରାମର୍ଶ ଓ ସାହାଯ୍ୟ ଦ୍ୱାରା ରୟାଲ ଇନିଷ୍ଟିଚ୍ୟୁସନ୍‌ର ଆୟ ବୃଦ୍ଧି ଘଟିଥିଲା। ୧୮୩୧ ମସିହାରେ ଅଗଷ୍ଟ ମାସ ୨୯ ତାରିଖରେ ଫାରାଡ଼େ ବିଦ୍ୟୁତ୍ ଚୁମ୍ବକୀୟ ପ୍ରେରଣା ତତ୍ତ୍ୱ ଆବିଷ୍କାର ସହ ଏକ ସଙ୍ଗରେ ଟ୍ରାନ୍‌ସଫର୍ମର ଓ କିଛି ଦିନ ପରେ ଡ଼ାଇନାମୋର ଉଦ୍ଭାବନ କରିଥିଲେ।

ବ୍ରିଟେନର ପ୍ରଧାନ ମନ୍ତ୍ରୀ ସାର ରବର୍ଟ ପିଲ୍ ଫାରାଡ଼େଙ୍କୁ ବିଜ୍ଞାନ ପ୍ରତି ଅବଦାନ ଯୋଗୁଁ ତାଙ୍କୁ ପେନ୍‌ସନ୍ ଦେବାକୁ ଘୋଷଣା କରିଥିଲେ। କିନ୍ତୁ ପେନ୍‌ସନ୍ ମିଳିବା ପୂର୍ବରୁ ପ୍ରଧାନ ମନ୍ତ୍ରୀ ଲଡ଼ ମେଲ୍‌ବୋର୍ଭ ପେନ୍‌ସନ୍ ଦେଲେ ନାହିଁ,ପରେ ପ୍ରଧାନ ମନ୍ତ୍ରୀ କ୍ଷମା ମାଗି ପେନ୍‌ସନ୍ ବ୍ୟବସ୍ଥା କରିଥିଲେ।

ସେ ନିଜ ଚେଷ୍ଟା ଓ ପରିଶ୍ରମ ବଳରେ ବିଦ୍ୟାଳୟ ଶିକ୍ଷା ଶେଷ କରି ମଧ୍ୟ ପୃଥିବୀର ଜଣେ ବିଶିଷ୍ଟ ବୈଜ୍ଞାନିକ ହୋଇ ପାରିଥିଲେ। ସେ ବିଦ୍ୟୁତ୍ ମୋଟର, ଜେନେରେଟର ଓ ଟ୍ରାନ୍‌ସଫର୍ମରର ସୂତ୍ର ଆବିଷ୍କାର କରିବା ପରେ ବ୍ୟାବସୟିକ ନିର୍ମାଣ ପ୍ରତି ଦୃଷ୍ଟି ଦେଇନଥିଲେ। ସେ ବଳରେଖା ସମ୍ବନ୍ଧରେ ଏକ ପ୍ରବନ୍ଧ ପ୍ରକାଶ କରିଥିଲେ। ତାଙ୍କ ଦ୍ୱାରା ରଚି **Experimental Researches in chemistry and physics Gaõ The Chemical History of a Candal**ପୁସ୍ତକ ଗୁଡ଼ିକ ବିଜ୍ଞାନ ସାହିତ୍ୟକୁ ଅମର ଅବଦାନ। ମାଇକେଲ ଫାରାଡ଼େଙ୍କର ମହାପ୍ରୟାଣ ୧୮୬୭ ମସିହା ଅଗଷ୍ଟ ମାସ ୨୫ ତାରିଖରେ ହୋଇଥିଲା, କିନ୍ତୁ ତାଙ୍କର ବିଦ୍ୟୁତ୍ ପ୍ରଯୁକ୍ତି ବିଦ୍ୟାର ଅବଦାନକୁ ସାରା ସଂସାର ବିଦ୍ୟୁତ୍ ବିଜ୍ଞାନର ଜନକ ଭାବରେ ମନେରଖିବ।

ସୁବ୍ରତ କର

ବାଲେଶ୍ୱରରେ ସଭା ସମିତି

ବାଲେଶ୍ୱର ଏକ ସାଂସ୍କୃତିକ ସମ୍ପନ୍ନ ଜିଲ୍ଲା ଏବଂ ସହର। ଏହିଠାରେ ଓଡ଼ିଆ ଭାଷାକୁ ବଂଚାଇବାରେ ଚେଷ୍ଟା ଏବଂ ପ୍ରତିଷ୍ଠିତ କରାଇବାରେ ମଧ୍ୟ ସଫଳତା ମିଳିଛି। ଭାଷାର ପିତାମହମାନେ ଏହି ଜିଲ୍ଲାରେ ଜନ୍ମ ନେଇ ବାଲେଶ୍ୱରକୁ ଏବଂ ବାଲେଶ୍ୱର ବାସିଙ୍କୁ ଧନ୍ୟ କରିଛନ୍ତି। ୧୮୬୦ ମସିହାରୁ ବିଂଶ ଶତାବ୍ଦିର ପ୍ରଥମ ଭାଗ ମଧ୍ୟରେ ଛାପାଖାନା ହେଉ ବା ବହି ଛପେଇବାରେ ବାଲେଶ୍ୱରର ଅବଦାନ ଭୁଲି ହେବନାହିଁ। ସେହି ଇତିହାସକୁ ଭୁଲି ନ ଯାଇ ଏବେ ମଧ୍ୟ ବାଲେଶ୍ୱରବାସି ଭାଷାକୁ ଏବଂ ସାହିତ୍ୟକୁ ଆଗ ଧାଡ଼ିରେ ଥୋଇବାରେ ସଫଳ ହୋଇଛନ୍ତି। ଏହି ସହରରୁ ଏବେ ଦୈନିକ ସାପ୍ତାହିକ ଏବଂ ମାସିକିଆ ପତ୍ର ପତ୍ରିକା ରିତିମତ ବାହାରୁଛି ଏବଂ ସୂଚାୟୀ ଦେଉଛି ଏବେ ମଧ୍ୟ ବାଲେଶ୍ୱର ଭାଷା ସାହିତ୍ୟରେ ଆଗ ଧାଡ଼ିରେ ଅଛି ଏବଂ ରହିବା ପାଇଁ ଚେଷ୍ଟିତ ଏବଂ ଏହି ଭାଷା ସାହିତ୍ୟକୁ ଲୋକଙ୍କ ପାଖରେ ପହଂଚାଇବା ପାଇଁ ପ୍ରତିଦିନ ବିଭିନ୍ନ ସଂଗଠନ ତାଙ୍କର ବାର୍ଷିକ ଉତ୍ସବ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ସଭା ସମିତି କରି ଚାଲିଛନ୍ତି ଏବଂ ଏଥିରେ ସଫଳ ମଧ୍ୟ ହେଉଛନ୍ତି। ଏବେ କରୋନା ପାଇଁ ଏବଂ ସରକାରଙ୍କ ଗାଇଡଲାଇନକୁ ପାଳିବାକୁ ଯାଇ କିଛି ପରିମାଣରେ କମିଯାଇଛି ଏବଂ ସାହିତ୍ୟପ୍ରେମୀ ଲୋକଙ୍କ ସଂଖ୍ୟା ମଧ୍ୟ କିଛି ପରିମାଣରେ କମିଯାଇଛି। କବିତା ଆସର ହେଉ, ଗଳ୍ପ ବହି ଉନ୍ମୋଚନ ହେଉ ବା କବି ଏବଂ ଗାଳ୍ପିକ ମାନଙ୍କ ଜନ୍ମଦିନ ପାଳନ ଉତ୍ସବ ହେଉ ଏଥିରେ କିଛି ଧରାବନ୍ଧା ଲୋକ ଉପସ୍ଥିତ ରହନ୍ତି। ଏହା ମଧ୍ୟରୁ ଅନେକ ସାହିତ୍ୟ ବୁଝନ୍ତି ନାହିଁ କିନ୍ତୁ ଶୋଭା ବର୍ଦ୍ଧନାରେ ସାହାଯ୍ୟ କରନ୍ତି। ବକ୍ତା ତାଙ୍କର ବକ୍ତବ୍ୟ ଆରମ୍ଭ କରିଲେ କେତେବେଳେ ଶେଷ ହେବ କହିବା କଷ୍ଟକର। ଏହାକୁ ଅଟକାଇବା ପାଇଁ ଏବେ ବକ୍ତାମାନଙ୍କ ତାଙ୍କର ଓଜନ ଦେଖି ସମୟ ମଧ୍ୟ ନିର୍ଦ୍ଧାରିତ କରା ହେଉଛି। କିନ୍ତୁ କିଏ ଏହାକୁ ଦେଖୁଛି ନା ମାନୁଛି। ସ୍ରୋତା ମାନଙ୍କୁ ଭଲ ଲାଗୁ ବା ନ ଲାଗୁ ଶୁଣିବାକୁ ପଡ଼ିବ। ବକ୍ତା ବୁଝନ୍ତି ନାହିଁ, ଶ୍ରୋତାଙ୍କୁ କେତେ କଷ୍ଟ ହେଉଛି ତା ସହିତ ବକ୍ତବ୍ୟକୁ ଗ୍ରହଣ କରିବାପାଇଁ। ବକ୍ତା ଭାବନ୍ତି ମୋର ବକ୍ତବ୍ୟ ଶ୍ରୋତାମାନଙ୍କୁ ଖୁବ ଭଲ ଲାଗୁଛି ଏବଂ ଆଗକୁ ଆହୁରି ମାଡ଼ି ଯାଆନ୍ତି। ଏମିତି ବି ଏବେ ଦେଖୁଛୁ ମୁଁ ମୋର କବିତା ପଢ଼ିଦେଇ କାମ ସରିଗଲା ପରେ ପ୍ରସ୍ଥାନ କରିବାପାଇଁ ଚେଷ୍ଟା କରିବା। ଅନ୍ୟମାନଙ୍କ କବିତା ଶୁଣିବାପାଇଁ ସମୟ କାହିଁ? ଏହାପରେ ଆଉ ଗୋଟାଏ ସାହିତ୍ୟ ସଭା ବା ରାଜନୈତିକ ସଭା ଅଛି କହି ଜାଗାଟିକୁ ଛାଡ଼ି ଚାଲିଯାଉଛନ୍ତି ।

ଅସମ୍ପୂର୍ଣ୍ଣ ବିଦାୟର କବିତା

ଶୁଭସ୍ମିତା ତ୍ରିପାଠୀ

ଏ ବିଦାୟ ଅଧାରିତ ଥିଲା !
ପୂର୍ବରୁ ପ୍ରସ୍ତୁତ ଥିଲେ ଏ ସକାଳର ଫୁଲ,
ନଦୀର ପାଣିପରି ସ୍ୱଚ୍ଛ ଆକାଶର
ଅନିଚ୍ଛାକୃତ ଲୁହ ବି ଥିଲେ ପୂର୍ବପ୍ରସ୍ତୁତ
ସର୍ବସ୍ୱ ଥିଲା ପୂର୍ବ ସ୍ୱୀକୃତ,
ପୂର୍ବରୁ ସାଇତା ଥିଲା ଏ ମୁହୂର୍ତ୍ତଙ୍କ ଇଚ୍ଛା,
ଏବଂ ଅନେକ କିଛି !!

ମୋ ଅପ୍ରସ୍ତୁତ୍ୱର ନୀରବତାରେ
ଦୀପ୍‌ଦୀପ୍ ଜଳୁଥିଲା ଦୀପ
କାହା ଅପେକ୍ଷାରେ
ଶୂନ୍‌ଶାନ୍ ଏ ପଥେ ପଥରୁଦ୍ଧ
ଫୁଲଙ୍କ ନିଶ୍ୱାସରେ
ମୁଁ ଯାଇଥାନ୍ତି ନିର୍ଧାରିତ ମୁହୂର୍ତ୍ତ ପୂର୍ବରୁ,
ଦେଇଥାନ୍ତି ମୁଁ ଅହରହ
ଜାଳୁଥିବା ଦୀପର
ଅଶେଷ ଉତ୍ତାପ ତମକୁ,
ବର୍ଷାରେ ଭିଜିଭିଜି

ମୁଁ କିନ୍ତୁ ଗଲିନାହିଁ ସେ ପଥେ
ଗଲିନାହିଁ ସେ ପଥେ ତମକୁ ଭାବିଭାବି,
ତମେଯେବେ ଅଦୃଶ୍ୟ,
ଯେବେ ଶୂନ୍ୟତା ରେ ନିର୍ଲିପ୍ତ ଅହରହ
ପାଣିରେ କିଭଳି ଦେଖନ୍ତି ମୁଁ ତୁମ
ଚିରାଚରିତ ଏ ଉଜ୍ଜ୍ୱଳ ପ୍ରତିଛବି !!

ଯେ କେଉଁ ଅବଧାର୍ଯ୍ୟ
ବିଦାୟର ଦୃଶ୍ୟପଟେ
ମୁଁ କଳ୍ପିଥିଲି ମୋ ନିଜର ବିଦାୟୀ ଚରିତ୍ର

ସେ ଦୃଶ୍ୟପଟେ ଏବେ
କୁଜଝଟିର ଉତ୍ତରୀୟ
ଜନ୍ମଜନ୍ମାନ୍ତର ସବୁ ଅସ୍ୱୀକୃତ
କାମନା ମନର
ଏବେ ଦେବସ୍ୱର୍ଣ୍ଣେ ଦେବାଙ୍ଗନା
ଏ ବିଜୁଳିର ବଳୟରେ
ଅଶାନ୍ତ, ଅଧୀର...!

ତଥାପି,ଏ ବିଦାୟ ତମପାଇଁ
ଅବଧାରିତ ଥିଲା
ମୁଁ କିନ୍ତୁ ଗଲିନାହିଁ ଅସ୍ତବ୍ୟସ୍ତ ଇଚ୍ଛା ଆଉ
ଅସରନ୍ତି ସ୍ୱପ୍ନ ନେଇ,
ଗଲି ନାହିଁ ଯାହାକିଛି
କହିବାର ଥିଲା କହିବାକୁ
କାଳେ କିଛି ପୂର୍ବପ୍ରସ୍ତୁତ ଶୁଣାଯିବ
ତମରି କାନକୁ !

ତେଣୁ ତ ତମପାଖେ ମତେ
ବାରମ୍ବାର ହେବାକୁ ହୁଏ
ଅନାବୃତ, ସଂକ୍ଷିପ୍ତ
ମୁଁ କିନ୍ତୁ କହିବି,
ଏ ତୁମ ଅଧାରିତ ବିଦାୟ
ବିଦାୟ ନଥିଲା .....!!

+ ବ୍ରହ୍ମପୁର, ଗଂଜାମ
(ମୋ)୯୫୮୩୫୦୯୭୫୮

ସର୍ବ ବିଦ୍ୟମାନ

ରତ୍ନକାନ୍ତି ମିଶ୍ର

କେବେ ତୁମେ ଘଞ୍ଚ ବନାନୀ ବୁକୁରେ ଖୁସି ବିହଙ୍ଗମ ଟିଏ
କେବେ ଭିଜା ଭିଜା ଆଷାଢ଼ର ଆଶା ଭସାବାଦଲର ଦେହେ,
ତୁମେ ତରୁତଳେ ଖରାଛାଇ ଖେଳ କେବେ ଏଠି କେବେ ସେଠି
ତୁମେ ପୁଣି ଆଙ୍କ ସଞ୍ଜ ସକାଳରେ କଅଁଳ ଖରାର ଝୋଟି ।।

ତୁମେ ସ୍ୱଚ୍ଛ ନୀଳ ପାଣିର ଦେହରେ ହସିଲା ଜହ୍ନର ଛାଇ
ତୁମେ ସାଗରର ଅସୀମ ଉଲ୍ଲାସ ହୃଦ ବେଳା ଯାଅ ଛୁଇଁ,
ତୁମେ ଅସରାଏ ଭୋଦୁଅ ବରଷା ସବୁଜ କ୍ଷେତର ପରେ
ତୁମେ ଶରତର ନୀଳ କଇଁ ହସ କାଚକେନ୍ଦୁ ସରୋବରେ ।।

ସକାଳ ପ୍ରହରେ ଚକ୍ରବାଳ ଧାରେ ତୁମ ହସ ମୁହଁ ଦିଶେ
ଗୋଧୂଳି ଖରାରେ ତୁମେ ଘୁରିବୁଲ ଧରଣୀର ଧୂଳି ବେଶେ
ତୁମେ ଝରଣାର ଚପଳ ଛନ୍ଦରେ ଛନ୍ଦାୟିତ ଧାରାଟିଏ
ତୁମେ ଆକାଶର ଅନନ୍ତ ଅସୀମ ଅବିନାଶୀ ରୂପଟିଏ ।।

ତୁମେ ମାଟି ପାଣି ପବନ ଅନଳ ପୁଣି ନଭ ମହାଶୂନ୍ୟ
ଅଣୁ ପରମାଣୁ ସ୍ଥାବର ଜଙ୍ଗମେ ତୁମେ ପୁଣି ବିଦ୍ୟମାନ ।।

+ ଆଳି, କେନ୍ଦ୍ରାପଡା

ଅସ୍ତରାଗର ସ୍ୱର

ସୁଧାକର ରାଉତ

କେଉଁ ମିଳନର ଶୁଣାଇବି ଗୀତ
ଆଜି ବିରହ ବେଳାରେ
କେଉଁ ଉଷାକାଳ ଦୃଶ୍ୟ ବଖାଣିବି
ଜୀବନ ସାୟଂ କାଳରେ ।

କେଉଁ ରୂପସୀର ରୂପର ଉପମା
ବର୍ଣ୍ଣିବି କାହା ଆଗରେ
କେଉଁ ସପନରେ ବିଭୋର ହୋଇବି
ନିଦ୍ରାହୀନ ନିଶୀଥରେ ।

କେଉଁ ପୃଥିବୀକୁ ପଚାରିବି ପଥ
ପଥହୀନ ଜୀବନରେ
କେଉଁ ନାବିକକୁ କରିବି ପ୍ରତୀକ୍ଷା
ନେବାପାଇଁ ଆରପାରେ ।

କେଉଁ ସମୟରେ ହଜିଯିବି ନିଜେ
ମୋର ଏ ଅସମୟରେ
କେଉଁ ବେଳାଭୂମେ ଖୋଜିବି ନିଜକୁ
ଚାହିଁ ସାଗର ଉର୍ମିରେ ।

କେଉଁ ସଂଗୀତର ଶୁଣାଇବି ରାଗ
ବେସୁରା ରାଗିଣୀ ସୁରେ

କେଉଁ ପ୍ରେମିକାକୁ କରିବି ପ୍ରତୀକ୍ଷା
ଜୀବନ ଅସ୍ତରାଗରେ ।

କେଉଁ ହୃଦୟକୁ ବ୍ୟଥା ସବୁ ଦେଇ
ଜିଇବି ମୁଁ ବିଶ୍ୱାସରେ
କେଉଁ ଯାତନାକୁ ହେୟ ମନେକରି
ତ୍ୟାଗିବି ଦୀର୍ଘ ଶ୍ୱାସରେ ।

କେଉଁ ଆଲୋକରେ ଖୋଜିବି ନିଜକୁ
ଦୁର୍ଲଭ ସ୍ମୃତି ପଠାରେ
କେଉଁ ଅନ୍ଧକାରେ ପାଇବି ଅତୀତ
ସମୟ ଘୋର ନିଦରେ ।

କେଉଁ ବିଧି ଚିତ୍ର ଆଙ୍କିବି ନିଖୁଣେ
ବିଧାନ ଯା ବୈଚିତ୍ର୍ୟରେ
ଭରପୂର ଜାଣି ଉଜାଣି ଯମୁନାର
ଆଗମେ ମନ ମରେ ।

+ ପ୍ରତାପ ନଗରୀ, କଟକ
(ମୋ) ୮୨୪୯୯୩୨୭୯୨

ଆହ୍ୱାନ

ବିଜୟଲକ୍ଷ୍ମୀ ପାଣିଗ୍ରାହି

ଆଖି ଖୋଲି କରି ଶୋଇଛୁ କାହିଁରେ
ମାଟିର ସନ୍ତାନ ତୁହି
ଖଣ୍ଡ ଖଣ୍ଡ ହୋଇ ମରୁଛି ପ୍ରକୃତି
ନିରବେ ରହିଛୁ ଚାହିଁ।

ବଦଳେ ସମୟ ଜୀବନର ରଙ୍ଗ
କ୍ୟାଲେଣ୍ଡର ପୃଷ୍ଠା ପରି
ଝୁଲୁଛି ସେମିତି ଜାତନାର କନା
କର୍ପୁର ଯାଇଛି ଉଡି।

ପ୍ରତିଶ୍ରୁତି ସବୁ ଜଳ ଜଳ ଜଳ
ପଦ୍ମ ପତ୍ରେ ଯାଏ ମରି।
କିଏ ବା ଗାଇବ ଏଠି ପଦ୍ମତୋଳା
କାଳରାତ୍ରୀ ବସ କରି।

ଚାରିପାଖେ ଘେରା ପ୍ରଶ୍ନର ପାଚେରୀ
ମାଟିରେ ମୁଁ ଏକୁଟିଆ
ଖୋଜୁଛି ପାଉନି ପ୍ରଶ୍ନର ଉତ୍ତର
ପ୍ରଶ୍ନ ପୁଣି ହୁଏ ଠିଆ।

କେତେଦିନ ଆଉ କରୋନା ଅଧିନେ
ବସି ଥିବୁ ଆଣ୍ଠୁମାଡ଼ି

ସ୍ୱାଧୀନ ଭାବରେ କେବେ ତୁ ବୁଲିବୁ
ମୁହଁରୁ ମୁଖାକୁ କାଢି।

ହେ ସ୍ୱାଧୀନ ବେଳା ଆସ ଅବତରୀ
ଦୂର ହେଉ ମନୁ ଭ୍ରାନ୍ତି
ସାହସୀ ସନ୍ତାନ ଭୁଲି ଏ କଷଣ
ଆଣୁ ସମାଜରେ କ୍ରାନ୍ତି।
ସବୁଜ ଶ୍ରଦ୍ଧାରେ ଢାଙ୍କିହେଉ ପୃଥ୍ୱୀ
ପ୍ରୀତିର ଚଦର ତଳେ
ଅଂଟାଅଭିଡ଼ି ପୁଣି ଥରେ ଠିଆ ହେଉ
ଆଉଥରେ ଜୀଇଁବାରେ।

+ ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
(ମୋ) ୮୨୪୯୪୫୦୦୫୦

ଏ'ରଙ୍ଗ ରହିଲେ ହେଲା !

ଇଂ.ବିଦ୍ୟାଧର ପଣ୍ଡା

କାହିଁକି ଏ'ବିଶ୍ୱ ନୀରବ ଆଜି
ମୁଖ ଦର୍ଶକଟେ ସାଜି
ତାଣ୍ଡବ କରୁଛି ସଂନ୍ତ୍ରାସବାଦୀ
ମଣିଷ ପଣିଆ ତେଜି
ମାଆ ଫିଙ୍ଗିଦିଏ କୋମଳ ଶିଶୁକୁ
ବଂଚିବାର ରଖି ଆଶା
ନିଜକୋଳେ ରଖି କରି ପାରୁନାହିଁ
ତାଲିବାନୀଙ୍କୁ ଭରସା
ସଂଯୁକ୍ତରାଷ୍ଟ୍ର ପରିଷଦ ଭ୍ରଷ୍ଟ
ଖାଲି ବଡବଡ କଥା
ଗଣ ମାଧ୍ୟମର ବହୁଳ ପ୍ରଚାର
ସଭିଙ୍କୁ ଦେଉଛି ବ୍ୟଥା
ସୁନ୍ଦରୀ ଯୁବତୀ କଫିନ ଭିତରେ
ବିଦେଶ ନିଅନ୍ତି ବୋହି
ଯୌନଦାସୀ ଭାବେ ବିକନ୍ତି ନିଲାମେ
କେମିତି ଯାଉଛ ସହି !
ଆଧୁନିକ ଯୁଗ ମାନବାଧିକାର
ବୋଲି ନାହିଁ କିଛି ଗୋଟେ
ଆଫଗାନୀସ୍ଥାନ ବିବେକ ବିହିନ
ରକତର ସୁଅ ଛୁଟେ
ବିକଳ ଆକୁଳ ଅବଳା ଓ ବାଳ
ସ୍ତବ୍ଧ ସାରା ବିଶ୍ୱ ଜନ
ବସୁଧୈବ କୁଟୁମ୍ବକମ୍ ଜ୍ଞାନ
ମିଛ ଋଷି ଅଭିମାନ
ନେତାନେତ୍ରୀ କିଛି ଭାଷଣ ମାରନ୍ତି
ଟେକିକି ତାଲିବାନୀଙ୍କୁ
ଉଡାଜାହାଜକୁ ଖାଲି ନେଲାବେଳେ
ନେଇ ଯା ସେ'ସମସ୍ତଙ୍କୁ
ତାଲିବାନୀ ହୋଇ ଭାରତରେ ରହି
କାହିଁ କରିବେ ମଉଜ !

ଛାଡିଦିଅ ତାଙ୍କୁ ଜନ୍‌ହତ ଯିବାକୁ
କହିବା ଭାରି ସହଜ
ସ୍ୱାର୍ଥବାଦୀ ସର୍ବେ ଫୁଲୁଛନ୍ତି ଗର୍ବେ
କରୁଣ ଦୃଶ୍ୟକୁ ଦେଖି
ବେଲଜ୍ୟା କେଇଟା କରୁଛନ୍ତି ଥଟ୍ଟା
ଉଡନ୍ତି ଶାଗୁଣା ପକ୍ଷୀ
କୁରୁଳିକୁରୁଳି ଯାଉଛନ୍ତି ଜଳି
ମେହେବୁବା ମୁଫ୍‌ତି ପରି
ବିରିୟାନୀ ଖାଇ ସପନ ଦେଖନ୍ତି
ହାତେଇ ନେବେ କାଶ୍ମୀର
ଓଧ ସଙ୍ଗେ ଭୁଆଁ ବିରାଡି ବି ବାଇ
କଂଗ୍ରେସ ଦଳ ମୁଖିଆ
ଶିବଙ୍କ ବାରାତି ସଭା କରୁଛନ୍ତି
ମୋଦୀ ହଟାଅ ପାଖିଆ
ସାତ ସପନକୁ ରାତି କାହିଁ ଆଉ !
ଚବିଶ ପାଲା ସରିଲା
ଶତ୍ରୁଦେଶ ତାଳେ କେତେ ବା ନାଚିବ !
ଏ'ରଙ୍ଗ ରହିଲେ ହେଲା !

ବି.ଟେକ୍. ସିଭିଲ୍,
ଏମ୍.ଟେକ୍.(ପରିବେଶ), ଏଲ୍‌ଏଲ୍‌ବି
ଏଲ୍-୧୭/୧୫, ପଂଚଶଖା ନଗର,
ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-
୭୫୧୦୧୯,
(ମୋ) ୯୪୩୯୧୨୮୦୫୦ /
୭୯୭୮୦୧୯୦୮୧

ସୁନୀଳ ଆକାଶେ ଆଜି..

ଶ୍ରୀ ସତ୍ୟବ୍ରତ ସାହୁ

ସୁନୀଳ ଆକାଶେ ଆଜି ମେଳା ମେଳା କଳା
ଧଳା ବଉଦର ହାଟ,
ସମୀରକୁ ସାଥି କରି ଶ୍ରାବଣୀ କନ୍ୟା
ଅୟରେ ଲଗାଇଛି ନାଟ । (୦)

ଧରଣୀକୁ ଭଲପାଏ ଆକାଶ ଦେଇଛି କହି
ରୁକ୍ଷ ରୂପ ଦେଖି ତାର ମମତା
ଜାଗେ ତା' ପାଇଁ
କମିବ ପ୍ରେୟସୀ ତାତି ଧରିଛି
ଆକାଶ ତେଣୁ ମଉସୁମୀ ହାତ ।
ସୁନୀଳ ଆକାଶେ ଆଜି...(୧)

ହସିବ ଜନ, ବିପିନ ପାଇ ତାର ପ୍ରୀତି ବାରି
ବର୍ଷା ରୂପେ ପ୍ରିୟା ବୁକେ ଶରଧାରେ ଦିଏ ଝାରି
ପ୍ରିୟା-ପ୍ରିୟ ମନବୁଝି ପ୍ରକୃତି ବି ଋତୁ ଆଣି
ଫିଟାଇଛି ବାଟ ।
ସୁନୀଳ ଆକାଶେ ଆଜି...(୨)

ସୁନୀଳ ଆକାଶେ ଆଜି ମେଳା ମେଳା କଳା
ଧଳା ବଉଦର ହାଟ,
ସମୀରକୁ ସାଥି କରି ଶ୍ରାବଣୀ କନ୍ୟା
ଅୟରେ ଲଗାଇଛି ନାଟ ।(୦)

+ ପଲ୍ଲୀସାହି, କମାଳପୁର,
ଅହିୟାସ, ଯାଜପୁର-୭୫୫୦୩୬
(ମୋ) ୯୩୩୮୧୬୫୬୧୯

ଦୁହିତା

ଝରଣା ବାରିକ

କେମିତି ଜନମ ଦେଇଛି ବିଧାତା ମୋର ଏ ଦୁହିତା କୁଳେ,
ଦୁଇ କୁଳର ହିତ ସାଧନ ପାଇଁ ନିଇତି ନିଇତି ଜଳେ।

ହସ ସାଥେ ବିଷ ନିଇତି ପିଏ ମୁଁ ଜଗତ କଲ୍ୟାଣ ପାଇଁ,
ଭଲ ମନ୍ଦ ମୋର ବୁଝିବା ପାଇଁ କି କା ପାଖରେ ବେଳ ନାହିଁ।

ବାପା ଙ୍କ ଶାସନ ଭାଇର ଆକଟେ ବାଲ୍ୟ କାଳ ଯାଏ ବିତି,
ଶାଶୁ ଶ୍ୱଶୁର ଙ୍କ ନିୟମ କୁ ମାନି ଶାଶୁ ଘରେ ଚଳେ ନିତି।

ସଳିତା ପରିକା ନିଜେ ଜଳୁଥାଏ ଅନ୍ୟ କୁ ଆଲୋକ ଦେଇ,
କା ଆଗରେ ମୋର ମନ କଥା ଖୋଲି କେବେ ବି ପାରେନା କହି।

ସଭି ଙ୍କ ଆଗରେ ହସିଦିଏ ସିନା ଦୁଃଖ କୁ ଲୁଚେଇ ମୋର
କାହାକୁ କରିବି ନିଜର ମୁଁ ଏଠି କାହାକୁ କରିବି ପର।

ଗୋଟିଏ କୁଳରେ ଜନମ ମୋହର ଗୋଟେ କୁଳେ ଜଳେ ଜୁଇ
ଗୋଟେ ଦେହ ସିନା ଏ ସଂସାରେ ମୋର ଜୀଇଁ ଛି ଜୀବନ ଦୁଇ।

+ ସମଲ, ତାଳଚେର, ଅନୁଗୋଳ

ଇଚ୍ଛା ହୁଏ

ପ୍ରଶାନ୍ତ କୁମାର ନାଥ

ଇଚ୍ଛା ହୁଏ ମୋର ତୁମ ଭେନିଟିରେ
ଆଇନାଟେ ହେବା ପାଇଁ
ସଜେଇ ହୁଅନ୍ତ କେତେ ସରାଗରେ
ମୋତେ ଥରେ ତୁମେ ଚାହିଁ ।

ଇଚ୍ଛାହୁଏ ମୋର ତୁମରି ପାଦରେ
ହାଇ ହିଲ୍ ସାଜିବାକୁ
ନରମ ନରମ ତୁମରି ପାଦର
ସ୍ପର୍ଶ ଟିକେ ପାଇବାକୁ ।

ଇଚ୍ଛାହୁଏ ମୋର କଣ୍ଠା ଚାମଚଟେ
ସାଜନ୍ତିକି ତୁମ ପାଇଁ
ନରମ ନରମ ଗୋଲାପୀ ଓଠରେ
ଦେଉଥାନ୍ତ ମୋତେ ଛୁଇଁ ।

ଇଚ୍ଛାହୁଏ ମୋର ତୁମରି ଆଖିରେ
ଲୁହ ବୁନ୍ଦେ ହେବା ପାଇଁ
ଝରିବା ଆଗରୁ ଗାଲକୁ ତୁମରି
ଆସନ୍ତି ଥରୁଟେ ଛୁଇଁ ।

ସୁନ୍ଦରପୁର, ଉତ୍ତରକୂଳହାଟ,
ପ୍ରୀତିପୁର, ଯାଜପୁର
(ମୋ)୦୮୮୯୨୩୦୧୧୪୩

ରୋକରେ ରକ୍ତର ନଈ

କବି ବିପ୍ଳବ

ମାତିଛନ୍ତି ଏବେ ରାକ୍ଷସ ଦଳ
ଶୁଭେ ଖାଲି ତ୍ରାହି ତ୍ରାହି
ଧ୍ୱଂସ ସ୍ତୁପରୁ କାହାର କ୍ରନ୍ଦନ
ଶୁଭୁଛିରେ ରହି ରହି ।
ରାଜା ହୋଇଯାଏ ନଂପୁସକ ଯେବେ
ପ୍ରଜା ଭୋଗେ ସର୍ବନାଶ
ମଣିଷ ହୃଦରୁ ଅମୃତ ସରୁଛି
ଚରି ଚରି ଯାଏ ବିଷ ।
ମଣିଷ କାଟୁଚି ମଣିଷକୁ ଆଜି
ଗଡୁଛି ମଣିଷ ମୁଣ୍ଡ
ହେ ମାନବବାଦୀ କୋଉଠି ଅଛରେ
ଖୋଲରେ ଖୋଲରେ ତୁଣ୍ଡ ।
ମିଛ ଦରଦର ଖୋଳପା ଭିତରୁ
ବାହାରି ଆସରେ ଆଜି
ମଣିଷ ଭୋଗୁଛି ପଶୁର କଷଣ
ମଣିଷ ରକ୍ତରେ ଭୋଜି ।
କୋଉଠି ରହିଛି ଜାତିସଙ୍ଘ କୁହ
ଉଠିବ କେବେ ସେ ଆଉ
ରକ୍ତର ନଈ ଯାଉଛିରେ ବହି

ରୋକ ବେଳ ଥାଉ ଥାଉ ।
ମଣିଷକୁ ଯେବେ ମଣିଷ କାଟିବ
ପଶୁ ପରି ଦେବ ବଳି
ଧର୍ମ ପୀଠ ସବୁ ମାଟିରେ ମିଶାଅ
ଧର୍ମ ଗ୍ରନ୍ଥ ଦିଅ ଜାଳି ।
ଧିକ ସେ ମଣିଷ ଧିକ ତାର ଯଶ
ଧିକ ତାର ବଳ ବୀର୍ଯ୍ୟ
ଅବଳା ପାଖରେ ପୁରୁଷ ପଣିଆ
ଧିକ ଧିକ ତାର କାର୍ଯ୍ୟ ।
ଜାଗରେ ଜାଗରେ ମଣିଷ ସମାଜ
ମଣିଷକୁ କର ରକ୍ଷା
ରାକ୍ଷସ ଦଳକୁ ନିପାତ କରରେ
ନିଅର ନିଅରେ ଦୀକ୍ଷା ।

+ ବାଙ୍କୀ, କଟକ

ବାଟ

ସନାତନ ମହାକୁଡ

ଗୁରୁ ସାଧୁ ସନ୍ଥ ଦେଖାଅନ୍ତି ବାଟ
ଜୀବନ ଜୀବିକା ପାଇଁ
ସତ ସାଥୀ ସତ କର୍ମ ଦିଏ ବାଟ
ଆନନ୍ଦେ ବଞ୍ଚିବା ପାଇଁ ।

ଗୋଟିଏ ଗାଆଁକୁ ଅନ୍ୟ ଗାଆଁ ସାଥେ
ଯୋଡ଼ି ଥାଏ ଚଲାବାଟ
ଯୋଡ଼ିଥାଏ ରାଜ୍ୟ ଦେଶ ବିଶ୍ୱ ସାଥେ
ସ୍ଥଳ ଜଳ ନଭ ବାଟ ।

ଦିଶେ ବାଟ ଜଳ ଜଳ ମାମୁଁ ଘର
ଥିଲେ ଅଜା ଆଈ ସୁଖ
ଝିଅ ଶାଶୁଘର ଲାଗେ ବେଶି ଦୂର
ହେଉ ଦୂର ଅବା ପାଖ ।

ଦୁର୍ଗମ ବାଟର ହେବାକୁ ବାଟୋଇ
ମନେ ଦମ୍ଭ ଦରକାର
ହୁଏ ମନ ଖୁସି ଥିଲେ ସହଯାତ୍ରୀ
ହେଉ ପଛେ ଯେତେ ଦୂର ।

ବୁଦ୍ଧିମାନ ଲୋକ ବାଟ ଖୋଜିଥାନ୍ତି
ଜଟିଳ ହେଲେ ଘଟଣା
ଚୋର ଟାଉଟର ବାଟ କାଟିଥାନ୍ତି
କରିଦେଇ ବୁଦ୍ଧି ବଣା ।

ଜୀବନ ଯୁଦ୍ଧରେ ଦ୍ୱନ୍ଦ ଉପୁଜିଲେ
ବୁଦ୍ଧି ଉପଯୋଗ କର
ସୁଶିକ୍ଷିତ ହୋଇ ବିଦେଶେ ରହିଲେ
ଗାଆଁକୁ ନ କର ପର ।

ଭୁଲ ନାହିଁ ବନ୍ଧୁ ଆତ୍ମୀୟ ସୋଦର
ଭୁଲ ନାହିଁ ଷଠିଘର
ସଭିଙ୍କ ସହିତ ଯୋଗାଯୋଗ କର
ହେଉ ପାଖ ଅବା ଦୂର ।

ଜୀବନ ତମାମ ଚାଲିବାକୁ ବାଟ
ଆୟୁଷ ଦେଇଛି ଈଶ
ଆୟୁଷ ସରିଲେ ଶେଷ ଚଲାବାଟ
ଶରୀର ହେବ ପାଉଁଶ ।

+ ଗ୍ରାମ/ପୋ.ଅ- ବେରୁଆଁବାରୀ
ଜିଲ୍ଲା-ନୟାଗଡ-୭୫୨୦୮୨ ଓଡ଼ିଶା
(ମୋ)୦୯୩୩୯୬୧୦୧୬୮

କହିବକି କଳା କହ୍ନେଇ

ଶିଶିର କୁମାର ପଣ୍ଡା

ରଥରେ ଏସନ ଯାଇପାରିଲୁନି
ଆମେ ଶିରିକ୍ଷେତ୍ର ଧାମକୁ
ପ୍ରଭୁ ଜଗନ୍ନାଥ ଦରଶନ ଦେଲେ
ଟେଲିଭିଜନରେ ଆମକୁ ।
ହେଲାନାହିଁ ଭିଡ଼ ଭକତ ଜନଙ୍କ
ଛୁଇଁବାକୁ ରଥ ଦଉଡ଼ି
ଦୁଃଖିରଙ୍କି ଯେତେ ଚାହିଁ ବସିଥିଲେ
ମିଳିଲାନି ଟଙ୍କା କଉଡ଼ି ।
ସବୁ ଅଟେ ଲୀଳା ଜଗା କାଳିଆର
ପ୍ରଶାସନ କିବା କରିବ
ସେ ଯଦି ଚାହିଁବ ଆମ ଏ ଧରାରୁ
କରୋନା ନିମିଷେ ହରିବ ।
ଗତ ବରଷବି ଏହିପରି ହେଲା
ଆମେ ରହିଥିଲୁ ଅନେଇ

କେଜାଣି କାହିଁକି ଏହା ତୁମ ଇଚ୍ଛା
ଜାଣି ମୁଁ ପାରୁନି କହ୍ନେଇଁ ।
ବାହୁଡ଼ି ଆସିଲେ ଶିରି ମନ୍ଦିରକୁ
ବୁଝେଇ ଟିକିଏ କହିବ
ଆମର ଟିକିଏ ସୁବିଧା ପାଇଁକି
ଏତେ ଦୁଃଖ କିଆଁ ସହିବ ?

+ କୁଆଁସ, ମେରଦା କାଟିଆ, ଯାଜପୁର
(ମୋ) ୮୯୮୧୭୩୭୨୨୮

ଶାନ୍ତି କାହିଁ ପ୍ରିୟା

ଦୁଷ୍ମନ୍ତ ବେହେରା

ମନ ରାଜନରେ ବୁଲୁଛି ପ୍ରିୟା
ତୁଠ ପଥର ପଚାରେ
ଦେହ ଘସିବାକୁ କ'ଣ ବାକି ରହିଲା
ଜଉବନକୁ ଶାନ୍ତି କାହିଁ !!

ସୁଖ କାହିଁ ପ୍ରିୟା ଦେଲ ତାତି
ଜାଳନା ଦିନ କୃଟିର
ରାତି ପଚାରେ ପ୍ରେମ ବିଳାସରେ
କି ଲାଭ ତୁ ଯେ ପାଇଲୁ !!

ସଂସାର ମାୟା ବାଛିବା ଆଗରୁ
ହାତ ଛାଡିଦେଲ ତୁମେ
ତମ ସମ୍ମାନକୁ ରଖିବା ବେଳକୁ ମୋ
ସମ୍ମାନ ହାଟରେ ଗଡେ !!

ପିଣ୍ଡା ସାଜେ ବଇରି ଦାଣ୍ଡ ହସି ଦିଏ
ହସେ ଜାଉଁଳି କବାଟ
ଭାଗ୍ୟ ପଚାରେ ଅଗଣା ମୁରୁଜ
ଲବଙ୍ଗ ଦିଆ ହସ !!

ଲିଭି ଗଲା ମୋ ଓଠରୁ ହସ ହୋଇ
ପାରିବିନି ସାର୍ଥପର
ତୁମ ଦେହ ଜାଣି ପାରିଲାନି ମୋ
ଜୀବନର ମୂଲ୍ୟ କେତେ !!

ଜଳିଜଳି ମରୁଛି ମୁଁ କିଏ ଅବା ଦେଖୁଛି
ଆଉଜା ଜୀବନ ଖେଳେ
ଆଶା ସ୍ମୃତି ପଚାରେ ମନ ଇଲାକାକୁ
ରଙ୍ଗ ଦାଗ ଲାଗେ କେମିତି !!

ଶାନ୍ତିର ବାଟରେ ଅଶାନ୍ତି ବୁଣି
ଉଠିଲା ବେଳକୁ ଯାତନା
ଲୁହରେ ଶୋଷ ପଚାରେ ମିଠା
ଲକ୍ଷ୍ୟରେ ଆଖି ଭିଜେ !!

ପାଇଥିଲି ଭଲ ଶାନ୍ତି ଟିକେ ପାଇଁ
ଗଲା ବେଳକୁ ବୁଣି ଦେଲ
ଅଶାନ୍ତି ଆଉ ଅଶାନ୍ତି ଶାନ୍ତି କାହିଁ
ପ୍ରିୟା ଶାନ୍ତି କାହିଁ ଯେ.....

+ ରାସୋଳ-ମୁଣ୍ଡିଆପଷି
ଢେଙ୍କାନାଳ
(ମୋ)୯୯୩୭୬୫୨୫୦୪

ଓଡିଶାର କାଳିଦାସ ଗଙ୍ଗାଧର ମେହେର- ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର,୨୩/୮ (ନି.ପ୍ର): ଶ୍ରାବଣ ପୂର୍ଣ୍ଣମା ତିଥିରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୫୯ତମ ଜନ୍ମ ତିଥି ଉପଲକ୍ଷେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ସ୍ଥାନୀୟ କଳିଙ୍ଗ ଡାକ୍ତରଖାନା ନିକଟ ଉକ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୂର୍ବାହ୍ନ ୮ ଟା ୩୦ ମିନିଟ ସମୟରେ କୋଭିଡ-୧୯ ରୋଗ କଟକଣା ନିୟମ ପାଳନ କରି ସାଧାରଣ ସମ୍ପାଦକ ଡା ରାଧାନାଥ ପ୍ରହରାଜଙ୍କ ଅଧ୍ୟକ୍ଷତାରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କବିଙ୍କ କାବ୍ୟିକ ପ୍ରତିଭା ତଥା ଗୁଣାବଳୀର ସ୍ମୃତିଚରଣ କରାଯାଇ କୁହାଯାଇଥିଲା ଯେ ମଧ୍ୟ ଯୁଗୀୟ କବିବର ରାଧାନାଥ ରାୟ, ପ୍ରକୃତି କବି ଗଙ୍ଗାଧର ମେହେର ଓ ଭକ୍ତକବି ମଧୁସୂଦନ ରାଓଙ୍କ କାବ୍ୟ ଏବଂ କବିତାବଳୀ ଓଡିଆ ସାରସ୍ୱତ ଭଣ୍ଡାରର ତ୍ରିବେଣୀ ଧାରା ସଦୃଶ୍ୟ ଅଟେ। ଗଙ୍ଗାଧରଙ୍କ କାବ୍ୟ ବିଶେଷ କରି ତପସ୍ୱିନୀର ପ୍ରକୃତି ବର୍ଣ୍ଣନା ମହାକବି କାଳିଦାସଙ୍କର ମେଘଦୂତ ଏବଂ କୁମାର ସମ୍ଭବ ବର୍ଣ୍ଣନା ସ୍ତରର ଅଟେ। ତେଣୁ ଉକ୍ତ ପ୍ରେକ୍ଷାରେ ମେହେର ମହୋଦୟଙ୍କୁ ଓଡିଶାର କାଳିଦାସ ତଥା ଦ୍ୱିତୀୟ ମହାକବି ଭାବରେ ଅଭିହିତ କରାଯିବ ଉଚିତ ବୋଲି ମତ ପ୍ରକାଶ ପାଇଥିଲା। ଅଧିକନ୍ତୁ ଓଡିଆ ଭାଷାର ଘୋର ସଙ୍କଟ ସମୟରେ ତାଙ୍କ ସଂସ୍କାରମୂଳକ କାଳଜୟୀ ସୃଷ୍ଟି ଓଡିଆ ଭାଷାର ଅସ୍ତିତ୍ୱ ରକ୍ଷା ଦିଗରେ ଏକ ଦିଗ ବାରେଣୀର ଭୂମିକା ନିର୍ବାହ ପୂର୍ବକ ପରୋକ୍ଷରେ ସ୍ୱତନ୍ତ୍ର ଓଡିଶା ରାଜ୍ୟ ଗଠନ ଏବଂ ନିକଟ ଅତୀତରେ ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିବାର ଗୁରୁତ୍ୱପୂର୍ଣ୍ଣ ଉପାଦାନ ଯୋଗାଇ ଦେଇଅଛି ଏଥିରେ କୌଣସି ଦ୍ୱିରୁକ୍ତି ନାହିଁ। ସୁତରାଂ ଯେତେଦିନ ପର୍ଯ୍ୟନ୍ତ ଓଡିଆ ଭାଷା ଥିବ ଗଙ୍ଗାଧର ମେହେର ଏ ଜାତିର ପ୍ରାତଃ ସ୍ମରଣୀୟ ହୋଇ ରହିବା ଅନସ୍ୱୀକାର୍ଯ୍ୟ ବୋଲି ସର୍ବ ସମ୍ମତ ସ୍ୱୀକୃତି ପ୍ରକାଶ ପାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଡା କାଶୀନାଥ ରଥ, ତ୍ରିନାଥ ସାମନ୍ତରାୟ, ପଠାଣି ଜେନା, ଗିରିଜା ଶଙ୍କର ମହାପାତ୍ର, ଯୁଗଳ କିଶୋର ନାୟକ, ପ୍ରଦୀପ କୁମାର ଖୁଣ୍ଟିଆ, କାଳନ୍ଦି ନାୟକ, ବୈରାଗୀ ସେଠୀ, ଭରତ କୁମାର ଜେନା, ସନ୍ତୋଷ କୁମାର ମହାପାତ୍ର, ବ୍ରଜବନ୍ଧୁ ପରିଡା, ଦିବାକର ବଳବନ୍ତରାୟ, ଜୟକୃଷ୍ଣ ସାହୁ, ଧନେଶ୍ୱର ଜେନା ପ୍ରମୁଖ ଅଂଶ ଗ୍ରହଣ କରିଥିବା ବେଳେ ତ୍ରିନାଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଅବାଞ୍ଛିତ ବିଦ୍ୟୁତ ବିଭ୍ରାଟ ୪୭ ପ୍ରତିଶତ କମିଛି: ଟିପିସିଓଡିଏଲ୍

ଭୁବନେଶ୍ୱର ,୨୩/୮ (ନି.ପ୍ର): ବିଭିନ୍ନ କାରଣରୁ ୨୦୧୯-୨୦ରେ ବର୍ଷକୁ ପ୍ରତି ୩୩ କେଭି ଫିଡରରେ ୨୨୫ଥର ବିଦ୍ୟୁତ ବିଭ୍ରାଟ ଘଟିଥିଲା। ଚଳିତ ବର୍ଷ ମଧ୍ୟ ପ୍ରତି ୧୧ କେଭି ଫିଡ ?ରେ ୫୦୬ ଥର ବିଦ୍ୟୁତ ବିଭ୍ରାଟ ଘଟିଛି। ତେବେ ନିୟମିତ ନିରୀକ୍ଷଣ ଓ ସ୍ୱୟଂକ୍ରିୟ ପରିଚାଳନା ପାଇଁ ଏହି ଅବାଞ୍ଛିତ ବିଦ୍ୟୁତ ବିଭ୍ରାଟକୁ ୪୭ ପ୍ରତିଶତ କମା ଯାଇ ପାରିଛି ବୋଲି ଟାଟା ପାୱାର ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ କୁହାଯାଇଛି। କମ୍ପାନିର ଯୁକ୍ତି ମୁତାବକ, ୨୦୨୦ ଜୁନ୍ ୧ରେ ଟିପିସିଓଡିଏଲ୍ ଦାୟିତ୍ୱ ନେବା ପର ଠାରୁ ୩୦,୦୦୦ ବର୍ଗ କିଲୋମିଟର୍ ଲାଇସେନ୍ସ ପ୍ରାପ୍ତ ଅଂଚଳରେ ଥିବା ୨୭ ଲକ୍ଷ ଗ୍ରାହକଙ୍କୁ ସୁରକ୍ଷିତ, ଭରସାଯୋଗ୍ୟ ଓ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ଲାଗି ଉଦ୍ୟମ ଅବ୍ୟାହତ ରଖିଛି। ଓଭରହେଡ୍ ତାର (ଉଭୟ ହାଇ ଭୋଲ୍‌ଟେଜ୍ ଓ ଲୋ ଭୋଲ୍‌ଟେଜ୍)ରେ ପକ୍ଷୀ ମାଡ଼ ହେବା, ଗଛ ପଡ଼ିବା, ଦ୍ରୁତ ଗତିରେ ପବନ ବହିବା, ବଜ୍ରପାତ ଓ ପ୍ରବଳ ବର୍ଷା ଫଳରେ ଲାଇନ୍ କଟୁଛି। ଏଥିପାଇଁ 'ସେଂଟ୍ରାଲାଇଜ୍‌ଡ ପାୱାର ସିଷ୍ଟମ୍ କଂଟ୍ରୋଲ୍' ସ୍ଥାପନ ହେବା ସହ ପୁରୁଣା ନେଟ୍‌ୱର୍କରେ ଉନ୍ନତି ଅଣାଯାଇଛି। ନେଟ୍‌ୱର୍କର ନିୟମିତ ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ବିଶେଷଜ୍ଞ ଏଜେନ୍ସି ମୁତୟନ ହେବା, ଉପଯୁକ୍ତ ଉପକରଣ ଓ ସ୍ପେୟାର୍ ଯଥେଷ୍ଟ ପରିମାଣରେ ଉପଲବ୍ଧ କରାଇବା ପ୍ରଭୃତି ବ୍ୟବସ୍ଥା କରାଯାଇଛି।

ଟିପିସିଓଡିଏଲ୍ ସିଇଓ ଏମ୍ ସେନ୍‌ବାଗମ୍ କହିଛନ୍ତି, ନିରବଚ୍ଛିନ୍ନ, ସୁଲଭ ଓ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଇବା ପାଇଁ ଟିପିସିଓଡିଏଲ୍ ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ଇଞ୍ଜିନିୟର୍ ଓ ଫିଲ୍ଡ ଷ୍ଟାଫ୍‌ମାନେ ନିରନ୍ତର କାର୍ଯ୍ୟ କରୁଛନ୍ତି। ଅବାଞ୍ଛିତ ବିଦ୍ୟୁତ କାଟ ହ୍ରାସ ଲାଗି ଟିପିସିଓଡିଏଲ୍ ଆସନ୍ତା ୭ ମାସ ମଧ୍ୟରେ ପୁରୁଣା ଓ ଖରାପ ଉପକରଣକୁ ବଦଳାଇବା ସହ ପ୍ରକଳ୍ପ ଭିତ୍ତିକ କାର୍ଯ୍ୟ ସହ ଫିଡର୍ ଓ ସବ୍‌ଷ୍ଟେସନ୍ ଗୁଡ଼ିକର ନବୀକରଣ, ସ୍ଥିତିଭିତ୍ତିକ ନିରୀକ୍ଷଣ, ପୁରୁଣା ସବ୍ ଷ୍ଟେସନ୍‌ଗୁଡ଼ିକର ଏଫ୍‌ଆରପି ପାଇଁ ପୁଞ୍ଜିନିବେଶ କରିବାକୁ କମ୍ପାନି ଯୋଜନା କରିଛି।

ରାଜ୍ୟ କଂଗ୍ରେସର ବୈଠକରେ ଯୋଗ ଦେଲେନି କୋରାପୁଟ ଜିଲ୍ଲା ସଭାପତି ମିନାକ୍ଷୀ ବାହିନୀପତି

ଭୁବନେଶ୍ୱର,୨୩/୮ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଭାପତି ଓ ପର୍ଯ୍ୟବେକ୍ଷକଙ୍କ ଏକ ବୈଠକ ରାଜ୍ୟ କଂଗ୍ରେସ ଭବନରେ ଚାଲିଛି। ଏଥିର.ରାଜ୍ୟ କଂଗ୍ରେସ ପକ୍ଷରୁ ମାନସ ମନ୍ଥନ କରାଯାଇଛି। ତେବେ ଏହି ବୈଠକରେ କୋରାପୁଟ ଜିଲ୍ଲା ସଭାପତି ତଥା ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ପତ୍ନୀ ମିନାକ୍ଷୀ ବାହିନୀପତି ଯୋଗ ଦେଇ ନଥିବା ଜଣାଯାଇଛି। ଏହି ବୈଠକରେ ଆଗକୁ ଆସୁଥିବା ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ରଣନୀତି ତିଆରି ହେବ ବୋଲି ଜଣାଯାଇଛି। ଏଣେ ଆସନ୍ତା ମାସ ପ୍ରଥମ ସପ୍ତାହରେ ପ୍ରଭାରୀ ଡା ଚେଲ୍ଲା କୁମାର ଓଡ଼ିଶା ଆସିବେ ବୋଲି ସୂଚନା ମିଳିଛି।

ମୋ ସ୍କୁଲ କାର୍ଯ୍ୟକ୍ରମ ପାଇଁ ୨୫ ଲକ୍ଷ ଟଙ୍କା ଦେବ ବାଲିକୁଦା ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂଘ

ଭୁବନେଶ୍ୱର,୨୩/୮ (ନି.ପ୍ର): ରାଜ୍ୟ ସରକାରଙ୍କ 'ମୋ ସ୍କୁଲ' କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଜଗତସିଂହପୁର ଜିଲ୍ଲା ବାଲିକୁଦା ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ରସଂଘ ତରଫରୁ ଏକ ଜରୁରୀ ବୈଠକ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ମହର୍ଷି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ବାଲିକୁଦା ହାଇସ୍କୁଲର ପ୍ରାକ୍ତନ ଛାତ୍ର ବିଜୟ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। ବୈଠକରେ ଜଳ ସଂପଦ, ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ତଥା ବିଦ୍ୟାଳୟର ପୂର୍ବତନ ଛାତ୍ର ରଘୁନନ୍ଦନ ଦାସ ଯୋଗଦେଇ 'ମୋ ସ୍କୁଲ' କାର୍ଯ୍ୟକ୍ରମ ମାଧ୍ୟମରେ ବାଲିକୁଦା ହାଇସ୍କୁଲ ଐତିହ୍ୟ ସମ୍ପନ୍ନ ସୌଧର ସୁରକ୍ଷା ସହ ବିଦ୍ୟାଳୟର ଉନ୍ନତି ପାଇଁ ଆନୁଷଙ୍ଗିକ ଅଧିକ ସୁବିଧାସୁଯୋଗ ଉପଲବ୍ଧ ହେବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। 'ମୋ ସ୍କୁଲ' କାର୍ଯ୍ୟକ୍ରମରେ ବାଲିକୁଦା ହାଇସ୍କୁଲ ପୁରାତନ ଛାତ୍ରସଂଘ ତରଫରୁ ୫୦ ଲକ୍ଷ ଟଙ୍କାର ଅର୍ଥ ସଂଗ୍ରହ ପାଇଁ ନିଷ୍ପତି ନିଆଯାଇ ବୈଠକରେ ଉପସ୍ଥିତ ଛାତ୍ରମାନଙ୍କଠାରୁ ପ୍ରାଥମିକ ପର୍ଯ୍ୟାୟରେ ୨୫ ଲକ୍ଷ ଟଙ୍କା ପ୍ରଦାନର ପ୍ରତିଶ୍ରୁତି ମିଳିଛି । ବିଦ୍ୟାଳୟର ଉନ୍ନତିକରଣ କାର୍ଯ୍ୟରେ ବର୍ତମାନ କାର୍ଯ୍ୟରତ ଜଗତସିଂହପୁର ଜିଲ୍ଲାପାଳଙ୍କର ପୂର୍ଣ୍ଣ ସହଯୋଗ ରହିଥିବାରୁ ବୈଠକରେ ତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରାଯାଇଥିଲା ।

ଅନୁଷ୍ଠିତ ଏହି ବୈଠକରେ ପୁରାତନ ଛାତ୍ର ସଂଘର ସଭ୍ୟମାନଙ୍କ ମଧ୍ୟରେ ଖ୍ୟାତନାମା ହୃଦଶଲ୍ୟ ବିଶେଷଜ୍ଞ ଡାକ୍ତର ବିପିନ ମହାନ୍ତି , ଟାଇମ୍‌ସ କପ୍ସ୍ ଆଇଏନସି ଆଇ.ଟି କମ୍ପାନୀର ର ନିର୍ଦ୍ଦେଶକ ଅଶ୍ୱିନୀ ରଥ, ଜେନେକ୍ସର ଅଧ୍ୟକ୍ଷ ସୁନିଲ ରାଉତ, ଗଗନ ବିହାରୀ ନାୟକ, ବାଦଲ ମହାନ୍ତି, ନିକୁଞ୍ଜ ମହାନ୍ତି, ବିଭୂତିଭୂଷଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

ମେହେରଙ୍କ କାବ୍ୟ ଚେତନା ଓଡ଼ିଆ ଭାଷାର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସିଛି

ଭୁବନେଶ୍ୱର,୨୩/୮ (ନି.ପ୍ର): ପବିତ୍ର ଶ୍ରାବଣ ପୂର୍ଣ୍ଣିମା ତିଥିରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ୧୬୦ତମ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱର କଳିଙ୍ଗ ହସ୍ପିଟାଲ୍ ନିକଟସ୍ଥ ତାଙ୍କ ପ୍ରତିମୂର୍ତି ସ୍ଥଳୀରେ ପାଳିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମରେ ଗଙ୍ଗାଧର ମେହେର ଜୟନ୍ତୀ କମିଟି, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଉତ୍କଳ ସମ୍ମିଳନୀ ମଂଚଶ୍ୱର ଶିଳ୍ପାଂଚଳ ଶାଖା, ପଶ୍ଚିମ ଓଡ଼ିଶା ଅଗ୍ରଣୀ ସଂଗଠନ, ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ସହିତ ବହୁ ସଙ୍ଗଠନ କର୍ମକର୍ତା ଯୋଗ ଦେଇ ପ୍ରତିମୂର୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରି କବିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ସାରସ୍ୱତ କାର୍ଯ୍ୟକ୍ରମରେ ବିଭାଗୀୟ ଶାସନ ସଚିବ ଡଃ ସୁରେଶ ଚନ୍ଦ୍ର ଦଲେଇ, ନିର୍ଦ୍ଦେଶକ ରଂଜନ କୁମାର ଦାସ, ପୂର୍ବତନ ପ୍ରଶାସକ ତଥା ଗଙ୍ଗାଧର ମେହେର ଜୟନ୍ତୀ କମିଟି ଅଧ୍ୟକ୍ଷ ସଞ୍ଜୀବ ଚନ୍ଦ୍ରହୋତା, ନରେନ୍ଦ୍ର କୁମାର ମିଶ୍ର, ଗଙ୍ଗାଧରଙ୍କ ଆତ୍ମୀୟ ମିହିର କୁମାର ମେହେର, ମଣିକର ମେହେର, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ନାରାୟଣ ଓଝା, ବିଜୁ ଜନତାଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ରବି ନାରାୟଣ ନନ୍ଦ, ଉତ୍କଳ ସମ୍ମିଳନୀ ମଂଚଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଦିଲ୍ଲୀପ ଦାସବର୍ମା ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ମେହେରଙ୍କ କାବ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ତାଙ୍କ ରଚନାରେ ସୌନ୍ଦର୍ଯ୍ୟ ଚେତନା, ଦେଶପ୍ରେମ, ସୁସ୍ଥ ସାମାଜିକ ଜୀବନ ଗଠନ ଓ ମାତୃଭାଷା ପ୍ରେମ ଜାଗରିତ ହୋଇଥିଲା ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ମେହେର ଗବେଷକ ଡଃ ସୁଶୀଲ କୁମାର ବାଗଙ୍କୁ ପ୍ରଶାସକ ସଞ୍ଜୀବ ଚନ୍ଦ୍ର ହୋତା ସ୍ୱଭାବକବି ଗଙ୍ଗାଧର ମେହେର ସ୍ମୃତି ସମ୍ମାନରେ ସମ୍ମାନିତ କରିଥିଲେ ।

ଓଟିଡିସି ନାଁରେ ୩ କୋଟି ଠକେଇ: ୨ ଗିରଫ

ଭୁବନେଶ୍ୱର,୨୩/୮ (ନି.ପ୍ର): ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ(ଓଟିଡିସି)ର ନାଆଁ ରେ ଠକେଇ କରିଥିବା ଅଭିଯୋଗରେ ଦୁଇ ଠକଙ୍କୁ ଗିରଫ କରିଛି ଇଓଡବ୍ଲ୍ୟୁ। ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ହେଲେ ବିଟେକ୍ ଇଞ୍ଜିନିୟର ଚନ୍ଦନ ଆକାଶ ମହାନ୍ତି ଏବଂ ଆରଜଣକ ହେଲେ ତଥା ଆତ୍ମଘୋଷିତ ବାବା ବିଜୟାନନ୍ଦ ଚୌଧୁରୀ ଓରଫ ଶ୍ରୀ ସ୍ୱାମୀ ବିଜୟାନନ୍ଦଜୀ ମହାରାଜ। ବିଜୟାନନ୍ଦଙ୍କୁ କଟକର ସିଡିଏ ଅଂଚଳରୁ ଗିରଫ କରାଯାଇଥିବା ବେଳେ ଚନ୍ଦନ ଆକାଶ ମହାନ୍ତିଙ୍କୁ ଭୁବନେଶ୍ୱରର ନୟାପଲ୍ଲୀ ସ୍ଥିତ ତାଙ୍କ ଘରୁ ଗିରଫ କରାଯାଇଥିଲା। ଓଟିଡିସି ଅଧିକାରୀଙ୍କ ଅଭିଯୋଗ କ୍ରମେ କ୍ରାଇମବ୍ରାଂଚ ଇଓଡବ୍ଲ୍ୟୁ ଏ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନଙ୍କୁ ଆଜି ଭୁବନେଶ୍ୱର ଏସଡିଜେଏମଙ୍କ କୋର୍ଟକୁ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଚନ୍ଦନ ଆକାଶ ମହାନ୍ତି ପର୍ଯ୍ୟଟନ ବିକାଶ ନିଗମ ଭୁବନେଶ୍ୱରରେ ସହକାରୀ ଯନ୍ତ୍ରୀ ଭାବେ ଚୁକ୍ତିଭିତିକ ଭିତିରେ କାର୍ଯ୍ୟ କରୁଥିଲେ। ଜଣେ ନିଜକୁ ଓଟିଡିସିର ଅଧ୍ୟକ୍ଷ କହୁଥିବା ବେଳେ ଆଉ ଜଣେ ନିଜକୁ ଓଟିଡିସିର ଆସିଷ୍ଟାଂଟ ମ୍ୟାନେଜରର ପରିଚୟ ଦେଇ ସ୍ପେସାଲ୍ କ୍ଲାସ୍ ଠିକାଦାର ଧନୁର୍ଦ୍ଧର ଚମ୍ପତିରାଏଙ୍କୁ ଠକିଥିଲେ। ଓଟିଡିସିର ନକଲି ୱାର୍କ ଅର୍ଡରରେ ଜାଲି ସିଲ୍ ଓ ଦସ୍ତଖତ କରି କଂଟ୍ରାକ୍ଟରଙ୍କୁ ଦେଇଥିଲେ ଓ ତା'ବଦଳରେ ୩ କୋଟି ଟଙ୍କା ଡିପୋଜିଟ ଆକାରରେ ନେଇଥିଲେ। ଏ କଥା ଜାଣିବା ପରେ ଓଟିଡିସି ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲା ।

ବଦଳିବ ଗାଇଡ୍‌ଲାଇନ୍: ଏଣିକି ନୂଆ-ପୁରୁଣା ସବୁ ଗାଁ ରାସ୍ତାର ହେବ ଉନ୍ନତିକରଣ

ଭୁବନେଶ୍ୱର,୨୩/୮ (ନି.ପ୍ର): ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗ୍ରାମାଂଚଳ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଏବେ 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା'ର ଗାଇଡଲାଇନରେ ପରିବର୍ତ୍ତନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଅର୍ଥ ବିଭାଗର ଅନୁମତି ମିଳିବା ପରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ସଂଶୋଧିତ ଗାଇଡଲାଇନ ସହ ୩ବର୍ଷରେ ୧୮୦୦କୋଟି ଟଙ୍କା ଖର୍ଚ୍ଚ ନିମନ୍ତେ ଅନୁମତି ମିଳିବ । ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ସର୍ତ୍ତାବଳୀକୁ ସରକାର ଅନେକାଂଶରେ କୋହଳ କରି ଗାଁ ଗହଳିର ସମସ୍ତ ପ୍ରମୁଖ ରାସ୍ତାଗୁଡ଼ିକର ନବୀକରଣ, ମରାମତି, ପୁନରୁଦ୍ଧାର, ସମ୍ପ୍ରସାରଣ ଆଦି କାର୍ଯ୍ୟକୁ ସହଜ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଅର୍ଥ ବିଭାଗର ଅନୁମୋଦନ ପରେ ୨୦୨୧-୨୨ ଅତିରିକ୍ତ ବଜେଟରେ ରାଜ୍ୟ ସରକାର ଏହି ୧୮୦୦କୋଟି ଟଙ୍କା ବ୍ୟୟ ସମ୍ପର୍କରେ ଘୋଷଣା କରିବେ ବୋଲି ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ, ରାଜ୍ୟ ସରକାର ଏବେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ଗାଇଡଲାଇନରେ ପରିବର୍ତ୍ତନ କରି ଏହାକୁ ଅଧିକ କୋହଳ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଯେଉଁସବୁ ରାସ୍ତା 'ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା'ରେ ସାମିଲ(ଜନସଂଖ୍ୟା ଓ ଅନ୍ୟାନ୍ୟ ମାନଦଣ୍ଡ) ପାଇଁ ଯୋଗ୍ୟ ହେଉନଥିଲା, ସେଠାରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସବୁଦିନିଆ ନୂଆ ରାସ୍ତା ନିର୍ମାଣ କରାଯାଉଥିଲା। ୨୦୧୪-୧୫ ଆର୍ଥିକ ବର୍ଷରୁ ରାଜ୍ୟ ସରକାର ଏହି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସବୁଦିନିଆ ରାସ୍ତା ନିର୍ମାଣ କରୁଛନ୍ତି । ମାତ୍ର ଏବେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ସଂଶୋଧିତ ଗାଇଡଲାଇନ ଅନୁସାରେ, ନିକଟସ୍ଥ ପଂଚାୟତ ମୁଖ୍ୟାଳୟ, ହସ୍ପିଟାଲ, ବ୍ଲକ କାର୍ଯ୍ୟାଳୟ, ବଜାର,ସ୍କୁଲ, କଲେଜ ଆଦି ସମେତ ଆର୍ଥିକ ଗତିବିଧିର ବିକାଶ ପାଇଁ ସବୁଦିନିଆ ରାସ୍ତା ନିର୍ମାଣ କରାଯାଇପାରିବ । ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ସମସ୍ତ ନିୟମକୁ କୋହଳ କରାଯିବା ସହ ପୁରୁଣା ରାସ୍ତାକୁ ଅଧିକ ଚଉଡ଼ା ଓ ସୁଦୃଢ଼ କରିବା, ପୁରୁଣା ପିଚୁ ଓ କଂକ୍ରିଟ୍ ରାସ୍ତାର ମରାମତି, ରାସ୍ତାଗୁଡ଼ିକ ୫.୫ମିଟରରୁ ୯ମିଟର ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ । ଆବଶ୍ୟକ ପଡ଼ିଲେ ରାସ୍ତା ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ହେବ ଓ ଏହି ଜମି ଗ୍ରାମ୍ୟ ଉନ୍ନୟନ ବିଭାଗ ନାଁରେ କିଣାଯିବ । ପ୍ରସ୍ତାବିତ ସଂଶୋଧିତ ଗାଇଡଲାଇନରେ ଏଣିକି ଗ୍ରାମାଂଚଳରେ ନୂଆ ରାସ୍ତାର ନିର୍ମାଣ ସହ ପୁରୁଣା ରାସ୍ତାର ମରାମତି, ଉନ୍ନତିକରଣ ଓ ଚଉଡ଼ା ଆଦି କାର୍ଯ୍ୟ 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା'ରେ ହୋଇପାରିବ । ପୂର୍ବରୁ ଏହି ଯୋଜନାରେ କେବଳ ନୂଆ ରାସ୍ତା ନିର୍ମାଣ କରାଯିବାର ପ୍ରାବଧାନ ଥିବାବେଳେ ସରକାର ଏହାର ସର୍ତ୍ତାବଳୀକୁ କୋହଳ କରି ଆଗାମୀ ୨୦୨୪ ମାର୍ଚ୍ଚ ମାସ ମଧ୍ୟରେ ପ୍ରାୟ ୧୮୦୦କୋଟି ଟଙ୍କା ଏହି ସଡ଼କ ନିର୍ମାଣ ପାଇଁ ଖର୍ଚ୍ଚ କରିବେ ବୋଲି ଜଣାପଡ଼ିଛି ।

୨ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଭେଟିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଭୁବନେଶ୍ୱର,୨୩/୮ (ନି.ପ୍ର): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବସାଙ୍କ ସହ ସାକ୍ଷାତ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ବିଶ୍ୱବିଦ୍ୟାଳୟର ଉନ୍ନତି ଏବଂ ରାଷ୍ଟ୍ରୀୟ ଶିକ୍ଷା ନୀତି ଜରିଆରେ ଓଡ଼ିଶାକୁ ଏକବିଂଶ ଶତାବ୍ଦୀରେ ଶିକ୍ଷା ଅର୍ଥନୀତିରେ ପରିଣତ କରିବା ପାଇଁ ଥିବା ଭାରତ ସରକାରଙ୍କ ପ୍ରୟାସ ଉପରେ ଆଲୋଚନା ହୋଇଛି।

ସେହିପରି ଶ୍ରୀ ପ

ନିଶିଗନ୍ଧା ସାହିତ୍ୟ ସଂସଦ ପକ୍ଷରୁ ରକ୍ଷାବନ୍ଧନ ଅବସରରେ ରାଜ୍ୟସ୍ତରୀୟ ଆଭାସି କବିତା ଆସର ଅନୁଷ୍ଠିତ



ଭୁବନେଶ୍ୱର,୨୩/୦୮(ନି.ପ୍ର): ପବିତ୍ର ରକ୍ଷାବନ୍ଧନ, ସ୍ୱଭାବକବି ଗଙ୍ଗାଧରଭକ୍ତ ଜନ୍ମ ତଥା ବଳଭଦ୍ର ଜନ୍ମ ପାଳନ ଅବସରରେ ଆଜି ସନ୍ଧ୍ୟାରେ ନିଶିଗନ୍ଧା ସାହିତ୍ୟ ସଂସଦ, ଖୋର୍ଦ୍ଧା ପକ୍ଷରୁ ରାଜ୍ୟସ୍ତରୀୟ ଆଭାସୀ କବିତା ଆସର 'ରକ୍ଷାବନ୍ଧନ' ବିଷୟ ଉପରେ ଅନୁଷ୍ଠିତ ହୋଇଯାଇଛି । ଆସରର ମୁଖ୍ୟ ଅତିଥି ଭାବେ ସାହିତ୍ୟ ସଂସଦ ସଭାପତି ଡଃ ରଜନୀ ରଂଜନ ଦାଶ ତାଙ୍କର ସଂକ୍ଷିପ୍ତ ଭାଷଣ ମାଧ୍ୟମରେ ଆଜିର ଦିବସର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିବା ବେଳେ ପ୍ରତିଷ୍ଠାତା ବଳରାମ ତରାଇ ସମସ୍ତଙ୍କୁ ଶୁଭାଭିନନ୍ଦନ ଦେବା ସହିତ ଆସରର ସଫଳତା କାମନା କରିଥିଲେ । ଉପଦେଷ୍ଟା ନିରଦ ଚନ୍ଦ୍ର ଜେନା ମଧ୍ୟ ଆସରର ସଫଳ ମନାସିଥିଲେ । ଆସରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ପ୍ରାୟ ୫୦ଜଣ କବି, କବୟିତ୍ରୀ, ରକ୍ଷାବନ୍ଧନ, ଗଙ୍ଗାଧର ମେହେର ଓ ବଳଭଦ୍ର ଜନ୍ମ ଉପରେ ସ୍ୱରଚିତ କବିତା ପଠନ କରିଥିଲେ । ନିଶିଗନ୍ଧା ରାଜ୍ୟ ସଂଗଠନ ସଂପାଦନ କୈଳାସ ଚନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା, ଉତ୍ତରାଞ୍ଚଳ ଜୋନ ସଭାପତି ଗଣେଶ ଚନ୍ଦ୍ର ଜେନା କବିତା ଆସର ସଂଯୋଜନା ସଂଗଠନ ସଂପାଦିକା ଅନସୂୟା ଦେବତା ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟ ସଂସଦ ଉପସଭାପତି ଆଡଭୋକେଟ ଚିତ୍ତରଂଜନ ନନ୍ଦ, ମୁଖ୍ୟ ସଂପାଦିକା ସ୍ୱରସ୍ୱତୀ ନାୟକ, ମୁଖପାତ୍ର ଜ୍ୟୋତିରଞ୍ଜନ ଦାଶ, ରାଜ୍ୟ ସଂଯୋଜକ ଯୁଧିଷ୍ଠିର ମୁଦୁଲି ପୃଷ୍ଠପୋଷକ କରୁଣାକର ମଲ୍ଲିକ, ଅର୍ଚ୍ଚନା ଦାଶ, ସଭାପତି ଯଶ୍ୱେଶ୍ୱର ଦଳାଇ, ପୂର୍ବାଞ୍ଚଳ ସଭାପତି ପ୍ରମୋଦ କୁମାର ତ୍ରିପାଠୀ, ଭାଷା ପ୍ରତିଷ୍ଠାନ ଉପସଭାପତି ଗୋବିନ୍ଦ ଚନ୍ଦ୍ର ଫାରକ ଆଭାସୀ ଉପସ୍ଥିତ ପ୍ରଣାଳୀରେ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ ।

ଓଏସଇବି ବିଜୁଳି କର୍ମଚାରୀ ସଂଘ ବୈଠକ

ବାଲେଶ୍ୱର,୨୩/୦୮ (ନି.ପ୍ର): ବିଜୁଳି କର୍ମଚାରୀ ସଂଘ (ଓଏସଇବି ଜୋନାଲ) କାର୍ଯ୍ୟକାରୀ କମିଟି ବୈଠକ ଦିବଂଗତ ସଭାପତି ସ୍ୱର୍ଗତ ଅରୁଣ ଦେଙ୍କ ବାସଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଦେଙ୍କ ସାନ ଭଉଣୀ ପ୍ରଫେସର ଡକ୍ଟର ବାସନ୍ତି ଦେ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ନୃସିଂ ଚରଣ ପଣ୍ଡା ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଖାଲି ପଡ଼ିଥିବା ସଭାପତି ପଦ ପାଇଁ ସଦର ବିଧାୟକଙ୍କ ନାମକୁ ଏହି ବୈଠକରେ ପ୍ରସ୍ତାବ ଉଠିଥିଲା। ସଂଘର ସମ୍ପାଦକ ନିମାଇ ଚରଣ ରାଉତରାୟଙ୍କ ସମର୍ଥନ ସହ ଏହାକୁ ସର୍ବ ସମ୍ମତିକ୍ରମେ ଗ୍ରହଣ କରାଯାଇଥିଲା। ଏଥି ସହିତ ସଂଗଠନର ଉପଦେଷ୍ଟା ଭାବେ ବିଷ୍ଣୁ ପ୍ରସାଦ ମହାନ୍ତି, ରଂଜନ ବାଗ, ରଂଜନ ପ୍ରଧାନ, ବିଶ୍ୱଜିତ ମହାପାତ୍ରଙ୍କୁ ସର୍ବ ସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା। ସେହିଭଳି ଆଇନ ପରାମର୍ଶଦାତା ଭାବେ ଆଇନଜୀବୀ ସୁଧାକର ମହାନ୍ତି ଓ ସାଂଗଠନିକ ସମ୍ପାଦକ ଭାବେ ଭବାନୀପାତ୍ରଙ୍କୁ ମନୋନୀତ କରାଯାଇଥିଲା। ଆଗାମୀ ଦିନରେ ଖୁବଶୀଘ୍ର ସଘର ସାଧାରଣ ଅଧିବେଶନ ଆୟୋଜନ ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କମଳ ଲୋଚନ ବେହେରା, ରାମ ବାରିକ, ରାଜେନ୍ଦ୍ର ଗିରି, ସାକ୍ଷୀଗୋପାଳ ଦାସ, ଚଣ୍ଡୀ ଦାସଚାଟାର୍ଜୀ, ଚନ୍ଦ୍ରକାନ୍ତ ସ୍ୱାଇଁ ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଗ୍ରାମାଞ୍ଚଳ ବରିଷ୍ଠ ନାଗରିକ ପରିଷଦର ପୁସ୍ତକ ଉନ୍ମୋଚନ

ଜଳେଶ୍ୱର,୨୩/୦୮ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଗୋପୀମୋହନପୁର ପଂଚାୟତ ଅନ୍ତର୍ଗତ ଶାଳିକୋଠା ଠାରେ ଦୀର୍ଘବର୍ଷ ଧରି ଗ୍ରାମାଞ୍ଚଳ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ପୂଜ୍ୟପୂଜା କାର୍ଯ୍ୟକ୍ରମ କରି ଆସୁଛି । ଗତ ରବିବାର ଧାନସିମୁଳିଆ ଗାଁର ପ୍ରଖ୍ୟାତ ଭଲି ଖେଳାଳୀ ତଥା କ୍ରିଡାବିତ୍ ସ୍ୱର୍ଗତ ରାମଚନ୍ଦ୍ର ଭୂୟାଁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଛି । ପରିଷଦ ପକ୍ଷରୁ ସେଠାରେ ଆୟୋଜିତ ଶ୍ରଦ୍ଧାସୁମନ ସଭାରେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ ପ୍ରାଧ୍ୟାପକ ସୁଧାଂସୁ ସେଖର ପ୍ରଧାନ ସ୍ୱର୍ଗତ ଭୂୟାଁଙ୍କର ଜୀବନାଦର୍ଶନ ବର୍ଣ୍ଣନା କରି ଶ୍ରଦ୍ଧାଞ୍ଜଳ ଦେଇଥିଲେ । ଅବସରପ୍ରାପ୍ତ ସାମରିକ ଅଧିକାରୀ ଅନୀଲ କୁମାର ଭୂୟାଁ, ଅନନ୍ତ କୁମାର ପରିଡା, ରାଧାକୃଷ୍ଣ ପାତ୍ର, ପ୍ରଫୁଲ୍ଲ ଦାସ, ମନୋରଂଜନ ଦାସ, ରାମଚନ୍ଦ୍ର ସିଂ, ଅତୁଲ କୁମାର ଭୂୟାଁ, ଗଣେଶ ଚନ୍ଦ୍ର ପରିଡା, ଝିଅ ନିବେଦିତା ଜେନା ଓ ଡା. ସୀତାଂଶୁ ସେଖର ପ୍ରଧାନ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । 'ସ୍ମୃତିରେ ସ୍ମୃତିରେ ରାମଚନ୍ଦ୍ର' ସ୍ମରଣୀକାକୁ ପୂର୍ଣ୍ଣଚନ୍ଦ୍ର ଭୂୟାଁ ଉନ୍ମୋଚନ କରିଥିବା ବେଳେ ଅଶୋକ କୁମାର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ ।

ଶ୍ରୀ ଅରବିନ୍ଦଙ୍କ ୧୫୦ତମ ଜନ୍ମବାର୍ଷିକ ପାଳିତ

କଲକତା,୨୩/୦୮ (ନି.ପ୍ର): ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ନେତାଜୀ ନଗର ପଶ୍ଚିମବଙ୍ଗ ପ୍ରାନ୍ତ ପକ୍ଷରୁ ଭାରତ ମାତାର ୭୫ତମ ସ୍ୱାଧୀନତା ଦିବସକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ଏହାର ସୁଯୋଗ୍ୟ ସନ୍ତାନ,ଦାର୍ଶନିକ, ତତ୍ତ୍ୱବିଦ୍, ମହାଯୋଗୀ ଋଷି ଶ୍ରୀ ଅରବିନ୍ଦଙ୍କ ୧୫୦ତମ ଜନ୍ମବାର୍ଷିକ ଉତ୍ସବ କରୋନା କଟକଣା ମଧ୍ୟରେ ଦୂରସଞ୍ଚାରୀ କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସ୍ଥା ପକ୍ଷରୁ ଶ୍ରୀ ଜୟହରି ଜାନା ସଂଯୋଜନା କରିଥିବା ବେଳେ, କୁମାରୀ ନାରାୟଣୀ ସ୍ୱାଗତ ତଥା ଅନ୍ତିମ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାମକୃଷ୍ଣ ମିଶନ ବିବେକାନନ୍ଦ ବିଶ୍ୱବିଦ୍ୟାଳୟ ବେଲୁରର ଅତିଥି ଅଧ୍ୟାପକ ସମ୍ମାନୀୟ ଡଃ ଜନାର୍ଦ୍ଦନ ଘୋଷ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଶ୍ରୀ ଅରବିନ୍ଦଙ୍କ ଜୀବନ ଦର୍ଶନ, ପୂର୍ଣ୍ଣାଙ୍ଗଯୋଗ, ସ୍ୱାଧୀନତା ଆନ୍ଦୋଳନରେ ମହାଯୋଗୀଙ୍କ ଅବଦାନ ତଥା ବର୍ତ୍ତମାନ କାଳରେ ସ୍ୱାଧୀନତାର ମୂଲ୍ୟବୋଧ ଆଦି ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସାମଗ୍ରିକ ଭାବରେ ଉତ୍ସବଟି ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦେବାଶିଷ ବୋଷ,ଆୟତ୍ରୀ ସାହା, ମଧୁମିତା ଭଟ୍ଟାଚାର୍ଯ୍ୟ,ମାଳବିକା ଚାଟାର୍ଜୀ, ସନାତନ ମହାକୁଡ, ପୂର୍ଣ୍ଣେନ୍ଦୁ ମୈତି, ରାଜେଶ ସୋନି,ରିମା ଘୋଷ ଓ ତୁଳସୀ ଦେବନାଥ ପ୍ରମୁଖ ଉତ୍ସାହର ସହ ଭାଗ ନେଇଥିଲେ।

ଗାୟତ୍ରୀ ପରିବାର ପକ୍ଷରୁ ନିଆରା ରାକ୍ଷା ବନ୍ଧନ

ବାଲେଶ୍ୱର,୨୩/୦୮ (ନି.ପ୍ର): ଶ୍ରାବଣ ପୂର୍ଣ୍ଣିମା ତଥା ରକ୍ଷାବନ୍ଧନ ଉତ୍ସବ ଅବସରରେ ଗାୟତ୍ରୀ ପରିବାର ପକ୍ଷରୁ ଭୀମପୁରା ଚନ୍ଦନ ପୋଖରୀ ହୁଡ଼ାରେ ଏକକୁଣ୍ଡୀୟ ଯଜ୍ଞ ରବିବାର ଅନୁଷ୍ଠିତ ହୋଇଯାଇଛି। ବଳରାମ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଯଜ୍ଞ କର୍ମକାଣ୍ଡରେ ଗାୟତ୍ରୀ ପରିବାରର ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। ଯଜ୍ଞ ପୂର୍ଣ୍ଣାହୁତି ପରେ ଶ୍ରାବଣ ପୂର୍ଣ୍ଣିମା ଓ ରକ୍ଷାବନ୍ଧନ ସମ୍ପର୍କିତ ଏକ ବିଚାର ମନ୍ଥନ ଭଉକ ସତସଂଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହୀ, ଆଇନଜୀବୀ ନିରଂଜନ ପରିଡ଼ା, ଜୟକୃଷ୍ଣ ସାହୁ, କିଶୋର ପଣ୍ଡା, ଜ୍ୟୋତିର୍ମୟ ଦାସ ପ୍ରମୁଖ ଏଥିରେ ଯୋଗଦେଇ ମାନବ ଦର୍ଶନ ଓ ସାମାଜିକ ବିଧି ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଗାୟତ୍ରୀ ପରିବାରର ଭଉଣୀମାନେ ସମସ୍ତଙ୍କ ହାତରେ ରାଖି ବାନ୍ଧିବା ପରେ ପୂର୍ବରୁ ରୋପଣ କରାଯାଇଥିବା ଔଷଧୀୟ ବୃକ୍ଷ ସମେତ ଗୋମାତାଙ୍କୁ ସମସ୍ତେ ରାଖି ବାନ୍ଧିଥିଲେ।

ପାରମ୍ପାରିକ ଜଙ୍ଗଲ ରକ୍ଷା ବନ୍ଧନ ଉତ୍ସବ ପାଳିତ

ବାରିପଦା /ଶୁଳିଆପଦା,୨୩/୦୮ (ନି.ପ୍ର): ଏକବିଂଶ ଶତାବ୍ଦିରେ ଜଙ୍ଗଲ କ୍ଷୟ ଏକ ବିଶ୍ୱସ୍ତରୀୟ ସମସ୍ୟା ଭାବରେ ଉଭା ହୋଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ସମ୍ପ୍ରଦାୟ ପକ୍ଷରୁ ଦୀର୍ଘ ୧୭ ବର୍ଷତଳେ ଆରମ୍ଭ ହୋଇଥିବା ଜଙ୍ଗଲ ରକ୍ଷା ବନ୍ଧନ ଉତ୍ସବ ଆଜିର ଦିନରେ ବେଶ ପ୍ରାସଙ୍ଗିକତା ରଖୁଛି । ରାକ୍ଷୀପୂର୍ଣ୍ଣମୀ ଦିନ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଗୋଷ୍ଠୀଗତ ଭାବରେ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଯାଇ ବିଧିବଦ୍ଧ ପୂଜା କରିବା ସହିତ ଗଛକୁ ରାକ୍ଷୀ ବାନ୍ଧି ବୃକ୍ଷ ତଥା ଜଙ୍ଗଲ ସୁରକ୍ଷାର ଶପଥ ନେଇଥାନ୍ତି ଏହି ପାରମ୍ପାରିକ ଜଙ୍ଗଲ ରକ୍ଷା ବନ୍ଧନ ଉତ୍ସବରେ । ଆଜି ଏହି ଉତ୍ସବ ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦାର ହାତିମଡା ଜଙ୍ଗଲରେ ବିଧିବଦ୍ଧ ଭାବେ ପାଳିତ ହୋଇ ଯାଇଛି । ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀ, ସମ୍ମାନୀତ ଅତିଥି ଭାବରେ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ଏସିଏଫ ନିକେଶ ମହାପାତ୍ର ଏବଂ ସମରେଶ ବିଶ୍ୱାଳ, ଦେଉଳି ବନାଂଚଳ ଅଧିକାରୀ ରବିନାରାୟଣ ମହାନ୍ତି ପ୍ରମୁଖ ଯୋଗ ଦେଇ ଗଛରେ ରକ୍ଷାବନ୍ଧନ କରିବା ସହିତ ଜଙ୍ଗଲ ସୁରକ୍ଷା ଦିଗରେ ଗ୍ରାମବାସୀ ମାନଙ୍କର ରହିଥିବା ଦାୟୀତ୍ୱ ଓ କର୍ତବ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଶୁଳିଆପଦା ଆଂଚଳିକ ଜଙ୍ଗଲ ସୁରକ୍ଷା ମହାସଂଘ, ଦେଉଳି ବନାଂଚଳ ଏବଂ ସ୍ୱାର୍ଡ଼ା ସ୍ୱେଚ୍ଛାସେବୀ ସଂଗଠନ ର ମିଳିତ ଆୟୋଜନରେ ଅନୁଷ୍ଠିତ ଏହି ଉତ୍ସବରେ ହାତିମଡା, କାଙ୍କିଣୀ, ଗଣ୍ଡିଆଡିହା, କେଉଟୁଣିମାରି, ପାକଟିଆ, ଚାଉଳଦହଣି, କାଲାଝରି ଆଦି ଗ୍ରାମର ଖେଲା ମୁର୍ମୁ, ଗୁରୁଭା ମୁର୍ମୁ, ବଳଭଦ୍ର ସିଂ, ଜନ୍ମେଜୟ ମହାନ୍ତ, ହରେନ୍ଦ୍ର ସି, ମୀନକେତନ ସି, ପାନମଣି ହେମ୍ବ୍ରମ, ପୂର୍ଣ୍ଣ ଚନ୍ଦର ଟୁଡୁ, ଚାନ୍ଦୁ କିସ୍କୁ , ନନ୍ଦକିଶୋର ହେମ୍ବ୍ରମ, ଉଦୟ ମୁର୍ମୁ ପ୍ରମୁଖ ବହୁ ଗ୍ରାମବାସୀ ଯୋଗଦେଇ ପାରମ୍ପାରିକ ଜଙ୍ଗଲ ରକ୍ଷା ବନ୍ଧନ ଉତ୍ସବ ପାଳନ କରିବା ସହିତ ଜଙ୍ଗଲ ସୁରକ୍ଷାରେ ବ୍ରତୀ ହେବାକୁ ଗ୍ରାମବାସୀ ମାନଙ୍କୁ ସଚେତନ କରିଥିଲେ ।

ଶିକୁଳିରେ ବନ୍ଧା ପଡିଛି ଜୀବନ : ଅର୍ଥ ସାଜିଛି ଚିକିତ୍ସାରେ ବାଧକ

ବାରିପଦା,୨୩/୦୮ (ନି.ପ୍ର): ଜନ୍ମରୁ ମାନସିକ ବିକୃତ ହୋଇ ଜନ୍ମ ହୋଇଥିବା ପୁତ୍ର ସନ୍ତାନର ଭାଗ୍ୟ ଏବେ ଭେଣ୍ଡିଆ ବୟସରେ ଶିକୁଳିରେ ବନ୍ଧା । ପରିବାର ଆର୍ଥିକ ସ୍ଥିତି ଦୁର୍ବଳ ଥିବାରୁ ଚିକିତ୍ସାରେ ବାଧକ ସାଜିଛି ଅର୍ଥ । ଏହା ହେଉଛି ମୟୂରଭଞ୍ଜ ଜିଲ୍ଲା ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ଆମ୍ବଡୁଭି ଗାଁର ଜଣେ ଦିନ ମଜୁରିଆ ପ୍ରଭାକର ପାତ୍ରଙ୍କ ବଡ ପୁଅ କଥା । ପରିବାର ଲୋକେ ଯେତେବେଳେ ଜନ୍ମର କିଛିଦିନ ପରେ ପୁଅ ଭିନ୍ନକ୍ଷମ ବୋଲି ଜାଣିବା ପାଇଁ ପାଇଲେ, ସେତେବେଳେ ପ୍ରଥମେ ବାରିପଦା ମୁଖ୍ୟ ଚିକିତ୍ସାଳୟ ଏବଂ ପରବର୍ତ୍ତୀ ସମୟରେ ଚିକିତ୍ସା ପାଇଁ କଟକ ବଡ଼ ଡ଼ାକ୍ତରଖାନା ଠାରୁ ଆରମ୍ଭ କରି ଝାଡ଼ଖଣ୍ଡର ରାଞ୍ଚି ଠାରେ ଥିବା ମାନସିକ ବିକୃତ ଚିକିତ୍ସାଳୟରେ ଚିକିତ୍ସା କରାଇଥିଲେ । ହେଲେ ମାନସିକ ବିକୃତି କମିବାର ନାମ ଧରିଲାନି । ମସ୍ତିକରେ ନର୍ଭ ଚଢ଼ି ଯାଇ ଥିବାରୁ ସିଭିୟର ଅପରେସନ ହେବ ବୋଲି ଡାକ୍ତର ସେଠାରେ ପରାମର୍ଶ ଦେଇଥିଲେ । ହେଲେ ପରିବାରର ଆର୍ଥିକ ସ୍ଥିତି ପାଇଁ ଚିକିତ୍ସା କରିପାରିନଥିଲେ ବାପା ମାଆ । ପିଲାର ଚିକିତ୍ସା ପାଇଁ ବିଭିନ୍ନ ସ୍ଥାନରୁ ସାହାଯ୍ୟ ମାଗି ବିଫଳ ହେବା ପରେ ପୁଅକୁ ନେଇ ଘରକୁ ପଳାଇ ଆସିଥିଲେ । ଏବେ ପୁଅ ବଡ଼ ହୋଇ ଯୁବାବସ୍ଥାରେ କ ବୟସରେ ପହଂଚିଲାଣି । କିନ୍ତୁ ମାନସିକ ବିକୃତି ବଢିଯିବାରୁ ଭେଣ୍ଡିଆ ପୁଅର ଭାଗ୍ୟକୁ ଶିକୁଳିରେ ବାନ୍ଧି ନିରୁପାୟ ହୋଇ ବସିଛନ୍ତି ବାପା ମାଆ । ପରିବାରର ସ୍ଥିତି ଭଲ ନଥିବା ବେଳେ ଘରେ ସାନ ଝିଅ ସହ ଚାରି କୁଟୁମ୍ବ । ପୋଡ଼ଶୀଙ୍କ ହଇରାଣ ହରକତ ହେଉ କିମ୍ବା କେତେବେଳେ କଣ ଅଘଟଣ ଘଟାଇବାର ଭୟରେ ପିତା ମାତା ଘରୁ ବାହାରକୁ କାମ କରିବାକୁ ଗଲେ ମାନସିକ ବିକୃତ ୨୧ ବର୍ଷୀୟ ବଡ଼ ପୁଅ କାହ୍ନୁ ପାତ୍ରର ହାତ ଗୋଡ଼କୁ ଶିକୁଳିରେ ବାନ୍ଧି ଘର ଭିତରେ ରଖି ବାହାରକୁ ପାଦ କାଢିଥାନ୍ତି ପିତାମାତା । ପ୍ରଭାକର ପାତ୍ରଙ୍କ ସ୍ତ୍ରୀ ସୀତାରାଣୀ ପାତ୍ର, ବଡ଼ ପୁଅ କାହ୍ନୁ ପାତ୍ର ଓ ସାନ ଝିଅ ଆଦ୍ୟାଶା ପାତ୍ର ଅଟନ୍ତି । ଏକ ଭଙ୍ଗା ଦଦରା କୁଡିଆ ତଳେ ଖରା ବର୍ଷା ଶୀତ କାକର ସହ ଅନ୍ଧାର ରାତିରେ ରହୁଥିବା ବେଳେ, କାମକୁ ନଗଲେ ଘରେ ଚୁଲି ଜଳେନି । ଭଗବାନଙ୍କର ବିଡମ୍ବନା କେତେ ବିଚିତ୍ର । ଯେଉଁ ବୟସରେ ଭେଣ୍ଡିଆ ପୁଅ ନିଜ ବାପର କାନ୍ଧରେ କାନ୍ଧ ମିଶାଇ ସାହାଯ୍ୟ କରିବା କଥା ସେହି ବୟସରେ ସେ ଏବେ ଚାରିକାନ୍ଥ ଭିତରେ ଶିକୁଳିରେ ବନ୍ଧା ହୋଇ ପଡ଼ିଛି । ପୁଅର ନିୟମିତ ଚିକିତ୍ସା ପାଇଁ ପ୍ରଭାକରଙ୍କ ସମ୍ବଳ ନଥିବା ବେଳେ ସେପଟେ ନିଜର ସ୍ତ୍ରୀର ମଧ୍ୟ ଡାଇବେଟିସ, ଥାଇରଏଡ ସହ ହାଇ ବ୍ଲଡ଼ ପ୍ରେସର । ସ୍ତ୍ରୀର ଚିକିତ୍ସା ପାଇଁ ମେଡିସିନ ଖର୍ଚ୍ଚ ଏବେ ପ୍ରଭାକରଙ୍କ ଉପରେ ବୋଝ ଉପରେ ନଳିତା ବିଡା ଶଦୃଶ୍ୟ । ତେବେ ପୁଅର ସ୍ଥାୟୀ ଉଚ୍ଚ ସ୍ତରୀୟ ଚିକିତ୍ସା ଜରୁରୀ ହୋଇପଡିଥିବା ବେଳେ, ସରକାର ଭିନ୍ନକ୍ଷମ କାହ୍ନାର ଚିକିତ୍ସା ପାଇଁ ସୁବନ୍ଦୋବସ୍ତ କଲେ ପ୍ରଭାକରଙ୍କ ଭେଣ୍ଡିଆ ପୁଅ ଭଲ ହୋଇପାରିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ରାଜ୍ୟରେ ମରୁଡି ସ୍ଥିତି ଗମ୍ଭୀର....

ତଥା ବରିଷ୍ଠ ଅଧିକାରୀ ସାମିଲ ଥିଲେ ବୈଠକରେ କିନ୍ତୁ ବିନା ମନ୍ତ୍ରୀରେ ହୋଇଥଲା ସମୀକ୍ଷା ବୈଠକ । କୃଷି ବିଭାଗର ମନ୍ତ୍ରୀ ଅରୁଣ ସାହୁ, ସମବାୟ ବିଭାଗର ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି କେହିବି ସାମିଲ ନଥିଲେ । ଯେତେବେଳେ ଚାଷୀକୂଳ ପ୍ରଭାବିତ ହେଉଛନ୍ତି ଅନେକ ଜିଲ୍ଲାରେ ସ୍ଥିତି ଗମ୍ଭୀର ହେଲାଣି , ସେତେବେଳ ମନ୍ତ୍ରୀଙ୍କ ଅନୁପସ୍ଥିତିକୁ ନେଇ ଭିନ୍ନ ଚର୍ଚ୍ଚା କରାଯାଉଛି । ଆଜିର ବୈଠକରେ ମନ୍ତ୍ରୀ ସାମିଲ ହେବାର କଣ ଅସୁବିଧା ଥିଲା , କାହିଁକି ଉପସ୍ଥିତ ରହିଲେନି ୩ ମନ୍ତ୍ରୀ, ଏନେଇ ପ୍ରଶ୍ନ ଉଠିଛି ।

କମ୍ ବର୍ଷା ହୋଇଥିବା ସ୍ଥାନରେ ଉଠା ....

ବୈଠକ ପରେ କୃଷି ସଚିବ ସୂଚନା ଦେଇ କହିଛନ୍ତି ଯେ ୧୫ ଜିଲ୍ଲାର ୩୦ ଟି ବ୍ଲକରେ ସ୍ୱାଭାବିକଠୁ କମ ବର୍ଷା ହୋଇଛି। ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି। ଯେଉଁଠି ଜଳସେଚନର ସୁବିଧା ଅଛି ସେଠାରୁ ଲିଫ୍ଟ ଇରିଗେସନ ଜରିଆରେ ଅନ୍ୟ ବିଲକୁ ପାଣି ଯୋଗାଇ ଦିଆଯିବ। କୃଷି ଶ୍ରମିକଙ୍କୁ ମନରେଗା ଓ ଅନ୍ୟାନ୍ୟ କୃଷି ଯୋଜନାରେ କାମ ଦିଆଯିବ। ସେହିପରି ଯେଉଁଠି ଲିଫ୍ଟ ଇରିଗେସନ ପଏଂଟ ଅଛି, ସେଠାରେ ପ୍ରତି ପାଣି ପଂଚାୟତରେ ଆକ୍ସନ ପ୍ଲାନ କରାଯିବ। ଏହାସହ ଅନ୍ୟ ଜଳସେଚନ ସୁବିଧାକୁ ବ୍ୟବସ୍ଥିତ କରାଯିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ ।

ଅଧ୍ୟାପକ ପଦବୀ ନିଯୁକ୍ତିରେ....

ସ୍ନାତକତୋରେ ସର୍ବଭାରତୀୟ କୋଟା(ଏଆଇକ୍ୟୁ) ଯୋଜନାରେ ଓବିସିଙ୍କୁ ୨୭ ପ୍ରତିଶତ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲୁଏସ)ର ଛାତ୍ରଛାତ୍ରୀଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣର ଐତିହାସିକ ନିଷ୍ପତି ନେଇଛନ୍ତି । ଅଣସଂରକ୍ଷଣ କ୍ଷେତ୍ରରେ ସିଟକୁ ହ୍ରାସ କରାନଯାଇ ନିଆଯାଇଥିବା ଏହି ପଦକ୍ଷେପ ଦ୍ୱାରା ପଛୁଆ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର ଓଡ଼ିଶା ସମେତ ଭାରତବର୍ଷର ୫ ହଜାର ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ଉପକୃତ ହେବେ।

'ପରୀ' ମାମଲାରେ ହାଇକୋର୍ଟ ....

ପ୍ରକାଶ କରିଥିଲେ ପରୀର ବାପା-ମାଆ। ମାମଲାର ନିରପେକ୍ଷ ତଦନ୍

ବାଲେଶ୍ୱର ମଙ୍ଗଳବାର, ୨୪ ଅଗଷ୍ଟ, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଭକ୍ତ ଓ ଭଗବାନଙ୍କ ହେଲା ମିଳନ, ଖୋଲିଲା ସମସ୍ତ ଧର୍ମାନୁଷ୍ଠାନ

ନୀଳଗିରି,୨୩/୦୮ (ନି.ପ୍ର): କରୋନା ମହାମାରୀ ପାଇଁ ରାଜ୍ୟ ସରକାର ସମସ୍ତ ମନ୍ଦିର, ଦେବାଳୟ ଆଦି ଦର୍ଶ ନିମନ୍ତେ ବନ୍ଦ କରିଥିବା ବେଳେ କରୋନାର ୨ୟ ଲହରିର ପ୍ରକୋପ କମିବା ପରେ ସଂପୃକ୍ତ ଜିଲ୍ଲାପାଳ ମାନଙ୍କ ଉପରେମନ୍ଦିର ଓ ଦେବାଳୟ ଖୋଲିବାର ଦାୟିତ୍ୱ ରାଜ୍ୟ ସରକାର ଅର୍ପଣ କରିଥିଲେ । ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ପାରିପାର୍ଶ୍ୱ ପରିସ୍ଥିତିକୁ ଅନୁଧ୍ୟାନ କରି ଅନୁମତି ଦେଇ ପାରିବେବୋଲି ରାଜ୍ୟ ସରକାରନିର୍ଦ୍ଦେଶ ଦେଇଥିବା ବେଳେ ବାଲେଶ୍ୱର ଜିଲ୍ଲାର ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ନୀଳଗିରିର ପ୍ରସିଦ୍ଧ ବାବା ପଞ୍ଚଲିଙ୍ଗେଶ୍ୱର ମନ୍ଦିର ସମେତ ନୀଳଗିରି ଉପଖଣ୍ଡରେ ଥିବା ବିଭିନ୍ନ ମନ୍ଦିର, ଦେବାଳୟ ଗୁଡ଼ିକୁଖୋଲାଯିବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି । ନୀଳଗିରି ଜଗନ୍ନାଥ ମନ୍ଦିର, ସଜନାଗଡ଼ ଚଣ୍ଡି ମନ୍ଦିର ସମେତ ଅନ୍ୟାନ୍ୟ ଦର୍ଶନୀୟ ଦେବାଦେବୀ ମନ୍ଦିର ଭକ୍ତଙ୍କ ପାଇଁ ଖୋଲି ଦିଆଯାଇଛି । ନୀଳଗିରିର ପ୍ରସିଦ୍ଧ ପଞ୍ଚଲିଙ୍ଗେଶ୍ୱର ମନ୍ଦିର ଆଜକୁ୪ମାସ ଧରି ବନ୍ଦ ରଖାଯାଇଥିବା ବେଳେ ଭକ୍ତଙ୍କ ମନରେ ଗଭୀର ଆଘାତ ଲାଗିଥିଲା । ସୋମବାର ତା.୨୩.୦୮.୨୧ରିଖ ଠାରୁ ଏ ସମସ୍ତ ମନ୍ଦିରକୁ ବାଲେଶ୍ୱର ଜିଲ୍ଲାପାଳ ଖୋଲିଦେଇଥିବା ବେଳେ ପ୍ରତି ଶନିବାର ପଞ୍ଚଲିଙ୍ଗେଶ୍ୱର ଶୈବପୀଠକୁ ସାନିଟାଇଜ କରିବା ପାଇଁ ଉକ୍ତ ଦିନଟିକୁ ସଂପୂର୍ଣ୍ଣ ବନ୍ଦ କରାଯାଇଛି । ସେହିପରି ଜଗନ୍ନାଥ ମନ୍ଦିରରେ ପ୍ରସାଦ କୁ ସଂପୂର୍ଣ୍ଣ ବନ୍ଦ କରାଯାଇଛି । ସମସ୍ତ ଭକ୍ତ ମାସ୍କ୍, ସାମାଜିକ ଦୂରତ୍ୱ, ସାନିଟାଇଜ କରି ଦର୍ଶନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ମହାଦେବଙ୍କୁ କୌଣସି ଭକ୍ତ ସ୍ପର୍ଶ କରିପାରିବେ ନାହିଁ । ୬୦ବର୍ଷରୁ ଉର୍ଦ୍ଧ୍ୱ, ଗର୍ଭବତୀ ମହିଳା, ୧୦ ବର୍ଷରୁ କମ ପିଲାମାନଙ୍କୁ ସଂପୂର୍ଣ୍ଣ ରୂପେ ନ ଯିବା ପାଇଁ ବାରଣ କରିଛନ୍ତି ଜିଲ୍ଲାପାଳ, ଦୀର୍ଘ ୪ମାସ ପରେ ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ଖୋଲିବା ପରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି ।

ଜନ୍ମ ମୃତ୍ୟୁର ବ୍ୟବଧାନ ହିଁ ଜୀବନ

ସମାଜସେବୀ ତଥା ସାମ୍ବାଦିକ ପ୍ରଣବ ସାହୁଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକିରେ ସ୍ମୃତି ସଭା

ବାଲିଆପାଳ,୨୩/୦୮ (ନି.ପ୍ର): ଜୀବନ ନଇର ଗୋଟିଏ କୂଳରେ ଜନ୍ମ ବେଳର କୁଆଁ କୁଆଁ ଗୀତ ଓ ଅନ୍ୟ କୂଳରେ ମୃତ୍ୟୁ ସମୟର ବିରଗ ସଙ୍ଗୀତ । ପାଇବା ଓ ହରାଇବା ଭିତରେ ଅବଶିଷ୍ଟାଂଶ ହେଉଛି ସ୍ମୃତି । ଯାହାକୁ ନେଇ ମୃତ୍ୟୁ ପରେ ବି ମଣିଷ ବଂଚି ପାରେ ବୋଲି ଆଜି ବାଲିଆପାଳ ବ୍ଲକର ବିଶିଷ୍ଟ ସମାଜସେବୀ, ସମ୍ବାଦିକ ତଥା ଶିକ୍ଷକ ସ୍ୱର୍ଗତଃ ପ୍ରଣବ ସାହୁଙ୍କ ପ୍ରଥମ ଶ୍ରାଦ୍ଧା ବାର୍ଷିକି ସ୍ମୃତି ସଭାରେ ଯୋଗ ଦେଇ ବିଶିଷ୍ଟ ବ୍ୟକ୍ତି ମାନେର ମତ ବ୍ୟକ୍ତ କରିଛନ୍ତି । ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ ବସ୍ତା - ବାଲିଆପାଳର ବିଭିନ୍ନ ସାମାଜିକ ଓ ସାଂସ୍କୃତି କାର୍ଯ୍ୟକ୍ରମରେ ସ୍ୱର୍ଗତଃ ପ୍ରଣବ ଅଗ୍ରଣୀ ଭୂମିକା ନିଭାଉ ଥିଲେ । ବାଲିଆପାଳର ଡଗରା ବେଳାଭୂମୀର ବିକାଶ କ୍ଷେତ୍ରରେ ସେ ଅନ୍ୟ ମାନଙ୍କୁ ଏକଜୁଟ କରି ଡଗରା ବେଳାଭୂମୀ ମହୋତ୍ସବର ଶୁଭାରମ୍ଭ କରିଥିଲେ । ଡଗରା ବେଳାଭୂମୀର ଯାହା କିଛି ବିକାଶ ହୋଇଛି ତାହା ତାଙ୍କର ଉଦ୍ୟମ ଓ ପ୍ରଚେଷ୍ଟା ବଳରେ ସମ୍ଭବ ହୋଇଥିବା ବିଧାୟକ ଶ୍ରୀ ସାହୁ କହିଥିଲେ । ସମ୍ମାନୀତ ଅତିଥି ଭାବେ ରାଜ୍ୟ ମହିଳା ବିଜେଡି କାର୍ଯ୍ୟକାରୀ ସଭା ନେତ୍ରୀ ତଥା ରେବତୀ ପତ୍ରିକାର ସମ୍ପାଦିକା ସୁବାସିନି ଜେନା ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ ମୃତ୍ୟୁ ନିରନ୍ତର ସତ୍ୟ ଏହା ଜାଣି ମଧ୍ୟ କେତେକ କ୍ଷେତ୍ରରେ ଏହା ଅବିଶ୍ୱାସନୀୟ ଭଳି ମନେ ହୁଏ । ସ୍ୱର୍ଗତଃ ପ୍ରଣବ ସାହୁଙ୍କ କର୍ମ ତତ୍ପର ଜୀବନ ଶୈଳୀ ତାଙ୍କୁ ସବୁ ବେଳେ ଜନମାନସରେ ଉଜ୍ଜିବୀତ କରି ରଖିଥିବା । ଦୁର୍ଘଟଣା ଜନିତ ଭିନ୍ନକ୍ଷମ ସତ୍ତ୍ୱେ ସେ ଜୀବଦଷା ଭିତରେ ଓାଇ.ଡି.ପି. ନାମରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଢି ଅଗଣିତ ଭିନ୍ନକ୍ଷମ ଅସହାୟ ବ୍ୟକ୍ତିଙ୍କ ପାଇଁ ଅନେକ କାର୍ଯ୍ୟ କରିଛନ୍ତି । ଶିକ୍ଷକତା ସହିତ ସାମ୍ବାଦିକତା ତାଙ୍କ ଜୀବନର ବ୍ରତ ଥିଲା, ଯାହା ତାଙ୍କୁ ବାଲିଆପାଳରେ ଏକ ଭିନ୍ନ ବ୍ୟକ୍ତିର ପରିଚୟ ପ୍ରଦାନ କରିଥିଲା । ବିଶିଷ୍ଟ କବି ସାହିତ୍ୟକ ବଜେନ୍ଦ୍ର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତି ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ସୁକାନ୍ତ କୁମାର ଗିରି, ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡକ୍ଟର ବିଜୟ ଦେ, ସମାଜସେବୀ ସଞ୍ଜୟ ପାତ୍ର, ସୂବର୍ଣ୍ଣ ସର୍ମକର ସଭାପତି ଡକ୍ଟର ମୃତ୍ୟୁଞ୍ଜୟ ପଣ୍ଡା, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି କାଳିପଦ ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟ ରବିନ୍ଦ୍ରନାଥ ଅଣ୍ଡିଆ, ବିଜେଡି ନେତା ବଳରାମ ସାହୁ, ବିଜେଡି ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଅଧ୍ୟାପକ କୁଞ୍ଜକାନ୍ତ ପାତ୍ର, ସାମ୍ବାଦିକ ଅଜୟ କୁମାର ସାହୁ, ସନ୍ୟାସି ବେହେରା, ଡି.କେ. କଲେଜର ଅଧ୍ୟାପକ କେଦାର ମାହାନ୍ତି, ମହାତ୍ମା ଗାନ୍ଧି ଚକ୍ଷୁ ଚିକିତ୍ସାଳୟର ମୁଖ୍ୟ ଡକ୍ଟର ଆଦିତ୍ୟ ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ପ୍ରଣବ ସାହୁଙ୍କ ସ୍ମୃତିଚାରଣ କରିଥିଲେ । ରେବତୀ ପତ୍ରିକା ପକ୍ଷରୁ ଏହାର ସମ୍ପାଦିକା ଶ୍ରୀମତି ସୁବାସିନି ଜେନା ୧୦୦ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ କମ୍ବଳ ଓ ଅତ୍ୟାବଶ୍ୟକ ସାମଗ୍ରୀ ପ୍ୟାକେଟ ବଂଟନ କରିଥିଲେ । ପ୍ରଣବଙ୍କ ସ୍ମୃତିରେ ଅମ୍ଳାନ ପ୍ରତିଭା ପ୍ରଣବ ପୁସ୍ତକକୁ ବିଧାୟକ ଶ୍ରୀ ନିତ୍ୟାନନ୍ଦ ସାହୁ ଉନ୍ମୋଚନ କରିଥିଲେ । ଏହି ଅବସରରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ପ୍ରଣବଙ୍କ ପିତା ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ ଏବଂ ତାଙ୍କର କନିଷ୍ଠ ପୁତ୍ର ଆଡଭୋକେର୍ଟ ପ୍ରଭାତ ସାହୁ ପରିଚାଳନା କରିଥିଲେ ।

ଦୁଇ ମୋଟରସାଇକେଲ ଚୋର ଗିରଫ

ହତ୍ୟା ମାମଲାରେ ସଂପୃକ୍ତ ଅଛି ଜଣେ ଅଭିଯୁକ୍ତ

ବାରିପଦା,୨୩/୦୮ (ନି.ପ୍ର): ବାରିପଦା ଟାଉନ ଥାନା ପୋଲିସ ମୋରଡ଼ା ଥାନା ଅଞ୍ଚଳରୁ ଦୁଇ ମୋଟର ସାଇକେଲ ଚୋରଙ୍କୁ ଗିରଫ କରିଥିବାର ଖବର ମିଳିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ମୋରଡ଼ା ଥାନା ଅଞ୍ଚଳର ରଞ୍ଜିତ ଖମାରୀ ଏବଂ ବାଲେଶ୍ୱରରୁ ଆସି ବାରିପଦାରେ ରହୁଥିବା ଭେଟେରାନ ଅପରାଧୀ ସେକ ରାଜୁ ଓରଫ୍ ସେକ୍ ସୋଏବ୍ । ସେକ୍ ରାଜୁ ନାମରେ ପୂର୍ବରୁ ଏକ ହତ୍ୟା ମାମଲା ମଧ୍ୟ ରହିଛି । ସେହିପରି ରଞ୍ଜିତ ମଧ୍ୟ ଜଣେ ଜଣାଶୁଣା ଅପରାଧୀ ଅଟେ । ଗତକାଲି ପିଆରଏମ ହସ୍?? ପିଟାଲ ପରିସରରୁ ଜଣେ ଯୁବକଙ୍କ ଓଡି-୧୧-ସି-୯୯୭୩ ନମ୍ବର ବିଶିଷ୍ଟ ଏକ ମୋଟରସାଇକେଲ ଚୋରୀ ହୋଇଯିବା ନେଇ ଟାଉନ୍ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି ତଦନ୍ତ ଆରମ୍ଭ କରିଥିଲେ । ତେବେ ମୋରଡ଼ା ଥାନା ଅଞ୍ଚଳରେ ଏକ ମୋଟରସାଇକେଲ ନମ୍ବର ଟାମ୍ପରିଙ୍ଗ୍ କରାଯାଉଥିବା ଖବର ପାଇ ଚଢ଼ଉ କରିଥିଲା ପୁଲିସ । ଚଢାଉ ବେଳେ ଦୁଇ ଅପରାଧୀଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା ବାରିପଦା ଟାଉନ୍ ପୋଲିସ । ଏହି ଦୁଇ ଅଭିଯୁକ୍ତ ଡୁପ୍ଲିକେଟ୍ ଚାବିରେ ମୋଟରସାଇକେଲ୍ ଚୋରୀ କରୁଥିବା ପୋଲିସ ସନ୍ଦେହ କରୁଛି । ବାରିପଦାରେ ହୋଇଥିବା ଏକାଧିକ ମୋଟରସାଇକେଲ ଚୋରୀରେ ଏମାନଙ୍କ ସଂପୃକ୍ତି ଥିବାନେଇ ପୋଲିସକୁ ସୁରାକ ମିଳିଥିବା ସହିତ ଏଦିଗରେ ତଦନ୍ତ ଜାରି ରଖିଥିବା ଆଇଆଇସି ଶ୍ରୀ ସେନାପତି ସୂଚନା ଦେଇଛନ୍ତି । ଗତକାଲି ଚୋରୀ ହୋଇଥିବା ମୋଟରସାଇକେଲକୁ ଆଜି ଉଦ୍ଧାର କରାଯାଇଥିବା ଜଣା ଯାଇଛି ।

ପ୍ରଜାପିତା ବ୍ରହ୍ମାକୁମାରୀ ଆଶ୍ରମ ପକ୍ଷରୁ ରକ୍ଷାବନ୍ଧନ

ବାଲେଶ୍ୱର,୨୩/୦୮ (ନି.ପ୍ର): ଜେଲରୋଡ଼ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଆଶ୍ରମ ପକ୍ଷରୁ ପିବତ୍ର ରକ୍ଷାବନ୍ଧନ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଆଶ୍ରମର ଭାଇ ଭଉଣୀମାନେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ ଯାଇ ଅଧିକାରୀ ଏବଂ କର୍ମଚାରୀଙ୍କ ହାତରେ ରାଖି ବାନ୍ଧି ମିଠା ଖୁଆଇ ଉତ୍ସବର ଆଭିମୁଖ୍ୟ ତଥା ମାନବ ଜୀବନରେ ଆଧ୍ୟାତ୍ମିକତାର ଆବଶ୍ୟକତା ସମ୍ପର୍କରେ ବୁଝାଇଛନ୍ତି। ସକାଳଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ସଂଧ୍ୟା ପର୍ଯ୍ୟନ୍ତ ଚାଲିଥିବା ଦେଖିବାକୁ ମିଳିଥିଲା। ବାଲେଶ୍ୱର ଆଶ୍ରମର ମୁଖ୍ୟ ପ୍ରଶାସିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରମିଳାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଦିବସବ୍ୟାପୀ କାର୍ଯ୍ୟକ୍ରମରେ ବ୍ରହ୍ମାକୁମାରୀ ମୀନତି, ଶୁଭଶ୍ରୀ, ସବିତା, ସୀମା, ପୂଜାଙ୍କ ସମେତ ବ୍ରହ୍ମାକୁମାର ସିଦ୍ଧେଶ୍ୱର, ଗୌତମ, ରାମ, ମାସନ୍ତ, ଧୀରେନ, କମଳା ଅସିତ ଓ ରାଜେନ୍ଦ୍ର ପ୍ରମୁଖ ସହଯୋଗ କରିଥିଲେ।

'ଚାରମିନାର ଆଜବେଷ୍ଟସ ଶ୍ରମିକ ସଂଘ' ପକ୍ଷରୁ ବିକ୍ଷୋଭ

ବାଲେଶ୍ୱର,୨୩/୦୮ (ନି.ପ୍ର): ଶିଳ୍ପାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଶ୍ରମିକ ମାରଣ ନୀତିକୁ ବିରୋଧ କରି ସିଆଇଟିୟୁ ସମର୍ଥିତ 'ଚାରମିନାର ଆଜବେଷ୍ଟସ ଶ୍ରମିକ ସଂଘ' ପକ୍ଷରୁ ବାଲେଶ୍ୱର ଶ୍ରମ ଉପ ଆୟୁକ୍ତ(ଡିଏଲସି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସଂଗଠନର ଶ୍ରମିକଙ୍କୁ ନେଇ ରେଳ ଷ୍ଟେସନ ନିକଟରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା ସହ ଡିଏଲସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ 'ସିଆଇଟିୟୁ'ର ଜିଲା ଆବାହକ ରାଜକିଶୋର ଲେଙ୍କା ସଭାପତିତ୍ୱ କରିବା ସହିତ ଶ୍ରମିକଙ୍କ ପ୍ରତି 'ଚାରମିନାର ଆଜବେଷ୍ଟସ' ଶିଳ୍ପାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଦମନ ନୀତିକୁ ସମାଲୋଚନା କରିଥିଲେ। ଶିଳ୍ପାନୁଷ୍ଠାନ ଅଧିକାରୀମାନଙ୍କ ତ୍ରୁଟିପୂର୍ଣ୍ଣ କାର୍ଯ୍ୟଧାରା ଯୋଗୁଁ କାରଖାନାରେ ଶ୍ରମିକ ଅଶାନ୍ତି ତୀବ୍ର ହେବାରେ ଲାଗିଛି ବୋଲି ସେ କହିଥିଲେ। ପରିସ୍ଥିତିର ସମାଧାନ ପାଇଁ ଶ୍ରମ ବିଭାଗ ପକ୍ଷରୁ ଆଲୋଚନା ଆରମ୍ଭ ହୋଇଥିବା ବେଳେ ସଂଘର ସମ୍ପାଦକଙ୍କୁ କର୍ତ୍ତୃପକ୍ଷ ବିନା ନୋଟିସରେ ନିଲମ୍ବନ କରିବା କେଉଁ ନ୍ୟାୟରେ ବୋଲି ଶ୍ରୀ ଲେଙ୍କା ପ୍ରଶ୍ନ କରିଥିଲେ। ଶ୍ରମ ଆଇନ ଉଲଂଘନ ସାଙ୍ଗକୁ ଶିଳ୍ପାନୁଷ୍ଠାନ କର୍ତ୍ତୃପକ୍ଷ ଡିଏଲସିଙ୍କ ନିର୍ଦ୍ଦେଶକୁ ଅବଜ୍ଞା କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସେ କହିଥିଲେ। ସଂଘର ସଭାପତି ଉଲାସ ସ୍ୱାଇଁ, ଉପ-ସଭାପତି ବିଜୟ ପାତ୍ର ଓ ରଜତ କୁମାର ଦାସ, ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ଜେନା, ଶ୍ରମିକ ନେତା ନିର୍ମଳ ନାୟକ, ନିକୁଞ୍ଜ ବସନ୍ତ ରାୟ, ସୁଶାନ୍ତ ଜେନା, ଶ୍ୟାମସୁନ୍ଦର ଜେନା, ମୃତ୍ୟୁଞ୍ଜୟ ରାଉତ ପ୍ରମୁଖ ଏହି ପ୍ରତିବାଦ ସଭାରେ ଯୋଗଦେଇ 'ଚାରମିନାର ଆଜବେଷ୍ଟସ' କାରଖାନାରେ ଚାଲିଥିବା ଅଶାନ୍ତି ପାଇଁ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଥିଲେ। ଏ ବାବଦରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ସହ ନିଲମ୍ବିତ ନିତ୍ୟାନନ୍ଦ ଜେନାଙ୍କୁ ପୁନଃ ନିଯୁକ୍ତି ପାଇଁ ସେମାନେ ଦାବି କରିଥିଲେ। ନତୁବା ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସଂଘର କର୍ମକର୍ତ୍ତାମାନେ ଚେତାବନୀ ଦେଇଥିଲେ। ଏହି ଅବସରରେ ସଂଗଠନ ପକ୍ଷରୁ ଏକ ଦାବିପତ୍ର ଡିଏଲସିଙ୍କୁ ପ୍ରଦାନ କରାଯାଇଥିଲା।ଉ

'ରୂପାୟନ'ପକ୍ଷରୁ ରକ୍ଷାବନ୍ଧନ

ବାଲେଶ୍ୱର,୨୩/୦୮ (ନି.ପ୍ର): ପ୍ରତିବର୍ଷ ଭଳି ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ରୂପାୟନ' ପକ୍ଷରୁ ପବିତ୍ର ରକ୍ଷାବନ୍ଧନ ଉତ୍ସବ ରବିବାର ପାଳିତ ହୋଇଯାଇଛି। କରୋନା କଟକଣା ଯୋଗୁଁ ପୂର୍ବବର୍ଷ ଭଳି ଏହି ଉତ୍ସବକୁ ବ୍ୟାପକତା ମଧ୍ୟରେ ଆୟୋଜନ ନ କରି କେବଳ ରାଖି ବନ୍ଧା ଓ ମିଠାଖୁଆ ମଧ୍ୟରେ ସୀମିତ ରଖାଯାଇଛି। ରୂପାୟନର ସମ୍ପାଦିକା ସମାଜସେବୀ ଶ୍ରଦ୍ଧାଞ୍ଜଳି ରାୟଙ୍କ ବାସଭବନରେ ସକାଳେ ସମାଜସେବୀ, ରାଜନେତା, ସାମ୍ବାଦିକ, ଶିକ୍ଷାବିତ, କବି, ସାହିତ୍ୟିକଙ୍କ ସମେତ ବିଭିନ୍ନ ବର୍ଗର ଲୋକେ ପହଞ୍ଚିଥିଲେ। ସମ୍ପାଦିକା ଶ୍ରୀମତୀ ରାୟଙ୍କ ସମେତ ରୂପାୟନର ଅନ୍ୟାନ୍ୟ ସଦସ୍ୟାମାନେ ସମସ୍ତଙ୍କ ହାତରେ ରାଖିବାନ୍ଧି ମିଠା ଖୁଆଇଥିଲେ। ପୂର୍ବରୁ ସଂଗଠନ ପକ୍ଷରୁ ବ୍ୟାପକ ଭାବେ ଆୟୋଜନ କରାଯାଉଥିଲା। ମାତ୍ର କରୋନା ପାଇଁ ଏହାକୁ କେବଳ ବିଧିରକ୍ଷାରେ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିବା ସମ୍ପାଦିକା ଶ୍ରୀମତୀ ର ।ୟ ସୂଚନା ଦେଇଥିଲେ।

ସ୍ୱାଧୀନତା ସଂଗ୍ରାମୀଙ୍କ ୧୦୩ ତମ ଜନ୍ମଦିବସ ପାଳିତ

ଜଳେଶ୍ୱର,୨୩/୦୮ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱରର ଶତାୟୁ, ବର୍ଷିଆନ୍ ସ୍ୱାଧୀନତା ସଂଗ୍ରାମୀ, ଆଧ୍ୟମୃକବାଦୀ, ସମାଜସେବୀ, ସୁସାହିତ୍ୟିକ ପୂର୍ଣ୍ଣଚନ୍ଦ୍ର ସେନାପତିଙ୍କ ୧୦୩ ତମ ଜନ୍ମଦିବସ ପାଳିତ ହୋଇଛି । ଏକାଧାରରେ ରାକ୍ଷୀପୂର୍ଣ୍ଣିମାର ଭାଇଚାରା, ଗହ୍ଣାପୂର୍ଣ୍ଣମୀର ତାତ୍ପର୍ଯ୍ୟ, ବଦଦେବଙ୍କ ଜନ୍ମଦିନ ଅବସରରେ ତାଙ୍କ ବାସଭବନରେ ଏହି ଉତ୍ସବ ପାଳନ ହେବାବେଳେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ପାଠଚକ୍ରକୁ ଧିରେନ୍ଦ୍ର କୁମାର ପ୍ରଧାନ ସଂଚାଳନ କରିଥିଲେ । ଏଥିରେ ପ୍ରାଧ୍ୟାପକ ଲଳିତ ରଂଜନ ସେନାପତି, ସାଧୁଚରଣ କଲେଜର ଅଧ୍ୟକ୍ଷ ସୁଧିର କୁମାର କର, ସୁରେନ୍ଦ୍ର ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ସେନାପତି, ପ୍ରାଧ୍ୟାପକ ନଳିନୀ ରଂଜନ ସେନାପତି ପ୍ରମୁଖ ପୂର୍ଣ୍ଣଚନ୍ଦ୍ର ସେନାପତିଙ୍କ କର୍ମଦକ୍ଷତା, ମାନବିୟତା, ସ୍ୱାଧିନ ଭାରତର ରୂପରେଖ ଓ ଶ୍ରୀମା-ଶ୍ରୀଅରବିନ୍ଦଙ୍କ ଦର୍ଶନ ସଂପର୍କରେ ବକ୍ତବ୍ୟ ରଖିଥିଲେ ।

କଲ୍ୟାଣ ସିଂହଙ୍କ ବିୟୋଗରେ ସଦର ବିଜେପିର ଶୋକସଭା

ବାଲେଶ୍ୱର,୨୩/୦୮ (ନି.ପ୍ର): ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା, ଶ୍ରୀରାମ ଜନ୍ମଭୂମି ଆନ୍ଦୋଳନର ମହାନାୟକ କଲ୍ୟାଣ ସିଂହଙ୍କ ବିୟୋଗରେ ବାଲେଶ୍ୱର ସଦର ବିଜେପି ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଅଛି। ଏହି ଶୋକସଭାରେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନେତା ମାନସ କୁମାର ଦତ୍ତ, ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ପର୍ଶୁରାମ ବେହେରା, ସୀତାକାନ୍ତ ସ୍ୱାଇଁ, ସତ୍ୟଜିତ ମିଶ୍ର, ଅରୁଣ ବେଜ, ସୁଜିତ ଦେବ, ଗୌରାଙ୍ଗ ଦାସ, ଲୋକନାଥ ଭୂୟାଁ, ବିଜୟ ପାଣିଗ୍ରାହୀ, ଦୁକୁଲ ଘୋଡେଇ, ଆଶିଷ ଘୋଷ ପ୍ରମୁଖଙ୍କ ସମେତ ବିଜେପିର ବହୁ ନେତା ଯୋଗଦେଇ ସ୍ୱର୍ଗତ ସିଂହଙ୍କ ଫଟୋଚିତ୍ର ପୁଷ୍ପ ଅର୍ପଣ ଓ ନିରବ ପ୍ରାର୍ଥନା ସହ ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଭାରତୀୟ ରାଜନୀତିରେ ଅନ୍ୟତମ ବିଶିଷ୍ଟ ରାଜନେତା ଭାବେ ଉତ୍ତର ପ୍ରଦେଶର ଦୁଇ ଥର ମୁଖ୍ୟମନ୍ତ୍ରୀ ହେବା ସହ ରାଜସ୍ଥାନ ଓ ହିମାଚଳ ପ୍ରଦେଶର ରାଜ୍ୟପାଳ ଭାବେ ସେ କାର୍ଯ୍ୟ କରିଥିଲେ। ରାମ ମନ୍ଦିର ନିର୍ମାଣ ପାଇଁ ତାଙ୍କର ପ୍ରୟାସ ଇତିହାସରେ ଲିପିବଦ୍ଧ ହୋଇ ରହିବ ବୋଲି ବିଜେପି ନେତାମାନେ ମତ ଦେଇଥିଲେ। ଜନ କଲ୍ୟାଣକୁ ଜୀବନର ମନ୍ତ୍ର ଗ୍ରହଣ କରି ସେ ସମସ୍ତଙ୍କ ପାଇଁ ପ୍ରେରଣା ହୋଇପାରିଛନ୍ତି। ତାଙ୍କର ବିୟୋଗ ଭାରତୀୟ ଜନତା ପାର୍ଟି ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଏହି ଶ୍ରଦ୍ଧାଞ୍ଜଳି ସଭାରେ ସମସ୍ତେ ମତ ପ୍ରକାଶ କରିଥିଲେ।

କୋଭିଡ ଗାଇଡଲାଇନ ଉଲ୍ଲଂଘନ : ୧୫ ଗିରଫ

ଭୁବନେଶ୍ୱର,୨୩/୦୮ (ନି.ପ୍ର): ର